# ଶହଶହ ବୋଦା ବଳିରେ ସୁନାଦେଇ ପୀଠ ରକ୍ତରଞ୍ଜିତ



ଦେବୀ ଛତର ଧରି ଶ୍ରଦ୍ଧାଳୁ ବୁଲୁଛନ୍ତି।

**ନୂଆପଡ଼ା,୨୮।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଚକୋଟିଆ ଭୂଞ୍ଜିଆ ଆଦିବାସୀ ସମ୍ପ୍ରଦାୟର ଇଷ୍ଟଦେବୀ ମା' ସୁନାଦେଇଙ୍କ ନବରାତ୍ରି ପୂଜା ଅନୁଷ୍ଠିତ ହୋଇଯାଇଛି। ଆଶ୍ୱିନ ଅମାବାସ୍ୟାଠାରୁ ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ଦିନ ଶେଷ ହୋଇଛି। ଶେଷ ଦିନରେ ଛତର ଯାତ୍ରା ଅନୁଷ୍ଠିତ ହୋଇ ଦେବୀ ଗ୍ରାମ ପରିକ୍ରମା କରିଥିଲେ। ସୁନାଦେଇ ମୁଖ୍ୟ ମନ୍ଦିରରୁ ଛତର ଲିଙ୍ଗଭଟାକୁ ଯାଇଥିଲା। ସେଠାରେ ମା'ଙ୍କ ପ୍ରଥମ ପୂଜା, ବୋଦା ବଳି ଦେଲା ପରେ ଚାରି ଦିଗର ୮୪ ଖଣ୍ଡ ଗାଁର ଲୋକେ ଆଣିଥିବା ବୋଦା ବଳି ଦିଆଯାଇଥିଲା। ବରୁଆମାନଙ୍କ ଶରୀରରେ କାଳିସି ଆସି ଛତର ଧରି ଗ୍ରାମ ପରିକ୍ରମା କରିଥାନ୍ତି। ମା'ଙ୍କ ଠାରେ ଅଧିଆ ପଡିଲେ ସବୁ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ପୂର୍ବରୁ ବିଶ୍ୱାସ ରହିଛି। ଦେବୀ ଛତର ଧରି ଗ୍ରାମ ପରିକ୍ରମା କରୁଥିବା ସମୟରେ ଭକ୍ତମାନେ ଅଧିଆ ପଡିଥାନ୍ତି। ଯେଉଁ ଭକ୍ତମାନଙ୍କର ମନସ୍କାମନା ପୂର୍ଣ୍ଣ ହୋଇଥାଏ। ସେ ଯାତ୍ରା ସମୟରେ କିମ୍ବା ଅନ୍ୟ ସମୟରେ ମା'ଙ୍କଠାରେ ବୋଦା ବଳି ଦେଇଥାନ୍ତି। ଛତର ଧରି ଗ୍ରାମ ପରିକ୍ରମା କରୁଥିବା ସମୟରେ ମଧ୍ୟ ଶହ ଶହ ବୋଦା ବଳିରେ ସୁନାବେଡା ଓ ସୁନାଦେଇ ପୀଠ ରକ୍ତରଞ୍ଜିତ ହୋଇଛି। ମା' ସୁନାଦେଇଙ୍କ ଛତର ଯାତ୍ରା ଦର୍ଶନ ପାଇଁ ନୂଆପଡ଼ା ଜିଲା ସମେତ କଳାହାଣ୍ଡି, ବରଗଡ, ବଲାଙ୍ଗିର ଓ ପଡୋଶୀ ରାଜ୍ୟ ଛତିଶଗଡର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଦର୍ଶନ ପାଇଁ ଆସିଥାନ୍ତି। ଶ୍ରଦ୍ଧାଳୁ ଭକ୍ତଙ୍କ ମନୋରଞ୍ଜନ ପାଇଁ ରାତ୍ରି ସମୟରେ ଦଣ୍ଡନାଚ, ଓଡିଆ ପୌରାଣିକ ନାଟକ, ସାମାଜିକ ନାଟକ ଓ ଛତିଶଗଡି ନାଚ ଭଳି ନାଟକ ଅନୁଷ୍ଠିତ ହୋଇଥାଏ। ଏହି ନାଟକ ପାର୍ଟିମାନେ ମା'ଙ୍କ ଆଶୀର୍ବାଦ ନେବା ପାଇଁ ବିନା ଖର୍ଚ୍ଚରେ ଆସି ନାଟକ ପରିବେଷଣ କରି ଯାଇଥାନ୍ତି ।

## ସେମାନଙ୍କ ମୁହଁରୁ...



"ଚଳିତବର୍ଷ ମଧ୍ୟ ମା' ସୁନାଦେଇଙ୍କ ଛତର ଯାତ୍ରା ଅନୁଷ୍ଠିତ ହେଉଛି। ଏହା ଗୋଟିଏ ଭାଇଚାରାର ପର୍ବ ବୋଲି ଆମେ ଭାବିଥାଉ। କାହିଁକି ନା ଏହି ପର୍ବ ଦିନ ଅନେକ ଲୋକଙ୍କ ସହିତ ମିଳାମିଶା ହୋଇଥାଏ। ଅନେକ ବନ୍ଧୁବାନ୍ଧବ କୁଣିଆ ଆକାରରେ ଆସି ମା'ଙ୍କ ଆଶୀର୍ବାଦ ଭିକ୍ଷା ନେଇଥାନ୍ତି।

**ରଜନି ଜଗତ, ସୁନାବେଡା ସରପଞ୍ଚ ।**



"ମା' ସୁନାଦେଇଙ୍କ ଛତର ଯାତ୍ରାରେ ବହୁତ ଲୋକ ଆସନ୍ତି ଓ ମା'ଙ୍କ ଆଶୀର୍ବାଦ ନେଇଥାନ୍ତି ବୋଲି ଆମେ ଶୁଣିଥିଲୁ । ହେଲେ ଏହି ବର୍ଷ ପ୍ରଥମ କରି ପରିବାର ସହିତ ଆସିଛୁ ଆମକୁ ବହୁତ ଖୁସି ଓ ଆନନ୍ଦ ଲାଗୁଛି ।

**କମଳା ମାଝି, ବରଗଡ ଜିଲା ଜାମସେଟ ଗାଁର ଶ୍ରଦ୍ଧାଳୁ।**



"ଅନ୍ୟ ବର୍ଷମାନଙ୍କ ଭଳି ଚଳିତବର୍ଷ ମଧ୍ୟ ମା'ଙ୍କ ଛତର ଯାତ୍ରା ବିଧି ବିଧାନରେ ଧୂମଧାମରେ ପାଳିତ ହେଉଛି। ମା'ଙ୍କ ପୂଜା ପାଇଁ ଆଶ୍ୱିନ ମାସ ଅମାବାସ୍ୟା ଦିନ ଠାରୁ ନବରାତ୍ର ପୂଜା ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ଦିନ ଛତର ଯାତ୍ରା ହେଲା ପରେ ମା'ଙ୍କ ଯାତ୍ରା ସମ୍ପନ୍ନ ହୋଇଥାଏ ।

**ଯୁବରାଜ ସିଂ ଛତ୍ରିଆ, ସୁନାବେଡା ସୁନାଦେଇ ପୂଝାରୀ।**



"ଅତି ଦୁଃଖର ବିଷୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ନ ଥିବାରୁ ମା'ଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପୋଲିସ ସୁରକ୍ଷା ନ ଥିବାରୁ ଟ୍ରାଫିକ ଜାମ ଭଳି ପରିସ୍ଥିତି ରହୁଥିଲା । ଲୋକେ ଯେଉଁ ସ୍ଥାନକୁ ଯିବା କଥା ଯାଇ ପାରୁ ନାହାନ୍ତି।

**ପ୍ରସନ୍ନ କୁମାର ପାଢୀ, ଜିଲା ଓକିଲ ସଂଘ ସଭାପତି।**

# ୩୯ବର୍ଷରେ ଖଡିଆଳ ଗଜଲକ୍ଷ୍ମୀ ପୂଜା



ଖଡିଆଳ ଲକ୍ଷ୍ମୀଛକ ମଣ୍ଡପରେ ମା' ଗଜଲକ୍ଷ୍ମୀ।

**ଖଡ଼ିଆଳ,୨୮।୧୦(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ଲକ୍ଷ୍ମୀ ଛକ ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୩୯ବର୍ଷରେ ପଦାର୍ପଣ କରିଛି। ୧୯୮୪ମସିହାରୁ ପୂଜା ଅନୁଷ୍ଠିତ ହୋଇଆସୁଛି। କର୍ତ୍ତାଭାବେ ରାମେଶ୍ୱର ଅଗ୍ରୱାଲ ଏବଂ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କମିଟି ସଭାପତି ଖଡିଆଳ ବିଧାୟକ ଆଧିରାଜ ମୋହନ ପାଣିଗ୍ରାହୀ, ଉପସଭାପତି ଆଶିଷ ପଣ୍ଡା, ସମ୍ପାଦକ ଦେବଦତ୍ତ ଯୋଶୀ, କୋଷାଧ୍ୟକ୍ଷ ଆହ୍ୱାନ ଯୋଶୀ, ସଂଯୋଜକ ସୁନିଲ କୁମାର ନାଗଙ୍କ ସହ ସଦସ୍ୟମାନେ ପୂଜା ଆୟୋଜନରେ ସହଯୋଗ କରୁଛନ୍ତି। ଶୁକ୍ରବାର ଅଧିବାସ, ଗଜଲକ୍ଷ୍ମୀଙ୍କ ମେଢ଼ ସ୍ଥାପନ, ଜୀବନ୍ୟାସ ହୋଇଛି। ଶନିବର ଚନ୍ଦ୍ର ଗ୍ରହଣ ନେଇ ସ୍ୱତନ୍ତ୍ରଭାବେ ପୂଜା କରାଯାଇଛି।

# ଲାନ୍ଥନଦୀ ସେତୁ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ



ଅର୍ଦ୍ଧନିର୍ମିତ ପୋଲ।

**ସଇଁତଲା,୨୮।୧୦(ରାଖାଲ ପ୍ରସାଦ ଶତପଥୀ)**

### ବାଦୀପଡ଼ା-ସଇଁତଲାକୁ ସଂଯୋଗ କରିବ

ଦୀର୍ଘଦିନରୁ ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ବାଦୀପଡ଼ା-ସଇଁତଲା ଲାନ୍ଥନଦୀ ପୋଲ ସେତୁ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ସଇଁତଲା ବ୍ଲକ କାର୍ଯ୍ୟାଳୟ, ଡ଼ାକ୍ତରଖାନା, ବିଭିନ୍ନ କାର୍ଯ୍ୟାଳୟ ଉପରେ ଆମ୍ବପାଲି, ଡୁଙ୍ଗୁରିପାଲି, କଅଁସର ପଞ୍ଚାୟତର ୫୦ହଜାରରୁ ଅଧିକ ଲୋକ ଏହି ପୋଲ ଉପରେ ନିର୍ଭର କରିଥାନ୍ତି। ବର୍ଷାଦିନରେ ସଇଁତଲା ଆସିବାକୁ ହେଲେ ୩କିମି ସ୍ଥାନରେ ୧୫କିମି ଦୂର ବୁଲି ଆସିବାକୁ ପଡ଼ିଥାଏ । ୨୦୧୫-୧୬ ମସିହାରେ ବିଜୁ ସେତୁ ଯୋଜନାରେ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ମାଣ କାମ ନିମ୍ନମାନର ତଥା ବିଳମ୍ବ କରୁଥିବା ଅଭିଯୋଗ ପରେ ବିଭାଗ ସମ୍ପୃକ୍ତ ଠିକାସଂସ୍ଥାକୁ କାର୍ଯ୍ୟରୁ ଅନ୍ତର କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ମାମଲା କୋର୍ଟକୁ ଯିବାରୁ ଦୀର୍ଘ ଦିନରୁ କାମ ବନ୍ଦ ହୋଇ ପଡ଼ି ରହିଥିଲା। ପୋଲ ନିର୍ମାଣ କାମ ତୁରନ୍ତ ଶେଷ କରିବାକୁ ବିରୋଧି ଦଳ ଓ ବିଭିନ୍ନ ସଙ୍ଗଠନ ବହୁ ସମୟରେ ରାସ୍ତାରୋକୋ, ଜଳ ସତ୍ୟାଗ୍ରହ ଭଳି ଆନ୍ଦୋଳନ କରିବା ସହ ଦାବିପତ୍ର ପ୍ରଦାନ କରିଆସୁଥିଲେ। ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀ ଟୁକୁନୀ ସାହୁ ଗ୍ରାମ୍ୟ ଉନ୍ନୟନ ବିଭାଗ ବରିଷ୍ଠ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରି ବାକିଥିବା ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ୮ କୋଟି ୪୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ପ୍ରକ୍ରିୟା ବିଭାଗ ତରଫରୁ ଆରମ୍ଭ ହୋଇଛି। ଟେଣ୍ଡର ପାଇବାପରେ ୧୮ମାସ ମଧ୍ୟରେ ପୋଲ ନିର୍ମାଣ କାମ ସମାପ୍ତ ହେବ ବୋଲି ଜଣାପଡ଼ିବା ପରେ ଅଞ୍ଚଳବାସୀ ମନ୍ତ୍ରୀ ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିଭଳି କରମତଲା ପଞ୍ଚାୟତ ଦାବଯୋରରୁ ଭଣ୍ଡାରବାଞ୍ଜି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଜାମଝରନଠାରେ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘଦିନରୁ ଅଞ୍ଚଳବାସୀ ଦାବି କରିଆରୁଥିଲେ। ବିଜୁସେତୁ ଯୋଜନାରେ ପୋଲ ନିର୍ମାଣ ପାଇଁ ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୨୦୨୩--୨୪ ମସିହାରେ ୧୮ମାସ ମଧ୍ୟରେ ୪କୋଟି ୪୫ଲକ୍ଷ ବ୍ୟୟ ଅଟକଳରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି ।

# ମୁକୁନ୍ଦ ନନ୍ଦ ହତ୍ୟା ମାମଲା, ସାଇଣ୍ଟିଫିକ ଟିମ୍‌ର ତନାଘନା

**ଲୋଇସିଂହା,୨୭।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ପୁଇଁତଲା ଥାନା କୁଲେରବାହାଲି ଗ୍ରାମର ଡ୍ରାଇଭର ମୁକୁନ୍ଦ ନନ୍ଦଙ୍କ ଗତ ସୋମବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଗୁରୁବାର ମୃତଙ୍କ ଭାଇ ବୀରନନ୍ଦ ନନ୍ଦ ଲୋଇସିଂହା ଥାନାରେ ଏତଲା ଦେବା ପରେ ମାମଲା ଭିନ୍ନମୋଡ ନେଇଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୁକୁନ୍ଦଙ୍କ ଯେଉଁ କାର (ଓଡି୧୪ ଏଏ ୭୯୧୪)ଭିତରେ ମୃତ୍ୟୁ ଘଟିଥିଲା ବୋଲି କୁହାଯାଉଛି ତାକୁ ଜବତ କରିଛି। ଶୁକ୍ରବାର ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଲୋଇସିଂହା ଥାନାରେ ପହଞ୍ଚି ଜବତ ଆରଟିକା କାରକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲେ।

# ଅଭିନେତା ମନୋଜ ମିଶ୍ରଙ୍କ ବାସନ୍ଦ ପ୍ରତ୍ୟାହାର ଦାବି

- ତାତିଲେ କୋଶଲ ମୁକ୍ତି ମୋର୍ଚ୍ଚା କର୍ମକର୍ତ୍ତା
- ଓଡ଼ିଆ ଫିଲ୍ମ ପୋଷ୍ଟର ଚିରିବା ସହ ନିଆଁ ଲଗାଇଲେ

**ଭବାନୀପାଟଣା,୨୮।୧୦(ଉତ୍ତମ କୁମାର ଦାଶ)**



କୋଶଲ ମୁକ୍ତିମୋର୍ଚ୍ଚାର କର୍ମକର୍ତ୍ତା ଓଡ଼ିଆ ଫିଲ୍ମ ପୋଷ୍ଟର ଚିରିବା ସହ ନିଆଁ ଲଗାଉଛନ୍ତି।

କଳାହାଣ୍ଡିରେ ଓଡ଼ିଆ ଫିଲ୍ମକୁ ବିରୋଧ। ଭବାନୀପାଟଣା ସହରରେ ଥିବା ଏକ ସିନେମା ହଲରେ ଶନିବାର ସନ୍ଧ୍ୟାରେ କୋଶଲ ମୁକ୍ତି ମୋର୍ଚ୍ଚାର କର୍ମକର୍ତ୍ତାମାନେ ବିରୋଧ କରି ଓଡ଼ିଆ ଫିଲ୍ମର ପୋଷ୍ଟର ଚିରିବା ସହ ହଙ୍ଗାମା କରିଥିଲେ। ସେମାନେ ମାଇଣ୍ଡଗେମ ଫିଲ୍ମକୁ ବିରୋଧ କରୁଥିବା ଲୋକଙ୍କ ବିରୋଧରେ ତାତିଥିଲେ। ବଲାଙ୍ଗୀର ତଥା ସମଗ୍ର ପଶ୍ଚିମ ଓଡ଼ିଶାରୁ ଆସିଥିବା କୋଶଲ ମୁକ୍ତି ମୋର୍ଚ୍ଚାର ଯୁବକମାନେ ମିଶି ଓଡ଼ିଆ ଫିଲ୍ମକୁ ଜୋରଦାର ବିରୋଧ କରିଥିଲେ। ଓଡ଼ିଆ ଫିଲ୍ମକୁ ବ୍ୟାନ କରିବା ସହ ପ୍ରଯୋଜକ ଟୁଟୁ ନାୟକଙ୍କୁ ଗିରଫ, ଅଭିନେତା ମନୋଜ ମିଶ୍ରଙ୍କୁ ବାସନ୍ଦ ପ୍ରତ୍ୟାହାର ଦାବି କରିଥିଲେ। ପଶ୍ଚିମ ଓଡ଼ିଶା ବିରୋଧରେ କହୁଥିବା ସମସ୍ତ କଳାକାର ଓ ଅଭିନେତ୍ରୀ ରୂପଶ୍ରୀ ପଣ୍ଡା ମଧ୍ୟ ଭୁଲ ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି। କୋଶଲ ମୁକ୍ତି ମୋର୍ଚ୍ଚାର କର୍ମକର୍ତ୍ତାମାନେ ଓଡ଼ିଆ ଫିଲ୍ମ ମାଲ୍ୟଗିରି ଓ ରାମର ପୋଷ୍ଟରକୁ ଚିରିବା ସହ ଏହି ପୋଷ୍ଟରରେ ନିଆଁ ଲଗାଇ ଦେଇଥିଲେ। ଅଭିନେତା ମନୋଜ ମିଶ୍ରଙ୍କ ଫିଲ୍ମ ମାଇଣ୍ଡଗେମକୁ ବିରୋଧ କରୁଥିବାରୁ କଳାହାଣ୍ଡି ତଥା ପଶ୍ଚିମ ଓଡିଶାରେ କୌଣସି ଓଡ଼ିଆ ଫିଲ୍ମକୁ ଚଲେଇ ନ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଏହି ବିକ୍ଷୋଭବେଳେ କୋଶଲ ମୁକ୍ତିମୋର୍ଚ୍ଚାର ଜିତୁ ନାଏକ, ସିପୁନ ଖମାରୀ, ରାଜୁ ବାରିକ, ଜଗନ ମେହେର, ଯୁଗଲ ମେହେର, କାହ୍ନା ବେହେରା, କୁନା ସାହୁ, ତରୁଣୀ ବାଗ, ବିକାଶ ସିଂଦେଓ, ମହମ୍ମଦ ସାହେବ, ସୁଶାନ୍ତ ପ୍ରଧାନି ପ୍ରମୁଖ ସାମିଲ ଥିଲେ।

# ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା

**କର୍ଲାମୁଣ୍ଡା,୨୮।୧୦(ପ୍ରଦୀପ କୁମାର ସାହୁ)**

### ୨୬ ବର୍ଷରେ ପଦାର୍ପଣ କଲା ରିଞ୍ଜା ଗଜଲକ୍ଷ୍ମୀ ପୂଜା

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା (ବସ୍ତି)ଠାରେ ଗଜଲକ୍ଷ୍ମୀ ପୂଜା ପାଇଁ ଶୁକ୍ରବାର କଳସ ଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଅବସରରେ ପୂଜା କମିଟି ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ନିକଟସ୍ଥ ଉତ୍ତେଇ ନଦୀରୁ କଳସରେ ପାଣି ନେଇ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପଠାରେ ପହଞ୍ଚିଥିଲେ। ଶନିବାର ପୂଜାର୍ଚ୍ଚନା ଆରମ୍ଭ ହୋଇଥିବାବେଳେ ରବିବାର, ସୋମବାର ଓ ମଙ୍ଗଳବାର ତିନି ଦିନ ବ୍ୟାପି ହେବାକୁ ଥିବା ମହାଲକ୍ଷ୍ମୀ ପୁରାଣ ପାରାୟଣ କାର୍ଯ୍ୟକ୍ରମରେ ବ୍ୟାସସନେ ବଲାଙ୍ଗୀର ଜିଲା ପାଟଣାଗଡ଼ର ରମାକାନ୍ତ ପଣ୍ଡା, ପୂଜକ ସୁଧାଂଶୁ ଷଡ଼ଙ୍ଗୀ ଓ ଯଜ୍ଞ କର୍ତ୍ତା ଭାବେ ନୀଳମଣି ସାହୁ, ତାଙ୍କ ସ୍ତ୍ରୀ ଲୀଳାବତୀ ସାହୁ ରହିଛନ୍ତି। ଅନ୍ୟପଟେ ଏହି ଗଜଲକ୍ଷ୍ମୀ ପୂଜା ୨୬ବର୍ଷରେ ପଦାର୍ପଣ କରୁଥିବାରୁ ଗ୍ରାମବାସୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ପୂଜାର ସୁପରିଚାଳନା ନିମନ୍ତେ ସଭାପତି ଭାବେ କିରଣ ଷଡ଼ଙ୍ଗୀ, ସମ୍ପାଦକ ତୁମ୍ନେଶ୍ୱର ସାହୁ, ଉପସଭାପତି ରାତ୍ର ସାହୁଙ୍କ ସମେତ ରିଞ୍ଜା ଗ୍ରାମବାସୀ ନେତୃତ୍ୱ ନେଉଛନ୍ତି।



ରିଞ୍ଜା ଗ୍ରାମର ଶତାଧିକ ଭକ୍ତ ଉତ୍ତେଇ ନଦୀରୁ କଳସରେ ଜଳ ଆଣୁଛନ୍ତି।

# ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଉପଲକ୍ଷେ ଜିଲାସ୍ତରୀୟ ପଥୋତ୍ସବ, ପଦଯାତ୍ରା

**ଭବାନୀପାଟଣା,୨୮।୧୦(ଉତ୍ତମ କୁମାର ଦାଶ)**



ପଥୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲାପାଳ ଅଭିବାଦନ ରଖୁଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା କଡ଼ରେ ଶନିବାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ- ୨୦୨୪ ଉପଲକ୍ଷେ ପଥଉତ୍ସବ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ଭବାନୀପାଟଣା ସହର ୧୪ଟି ଉଚ୍ଚମାଧ୍ୟମିକ ଓ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରୀଛାତ୍ର, ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ବୁଥସ୍ତରୀୟ ଅଧିକାରୀ, କ୍ୟାମ୍ପସ ଆମ୍ବାସାଡର ( ମୁଁ ବି ମିତା), ସାଧାରଣ ନାଗରିକ, ବିଭାଗୀୟ ଅଧିକାରୀ ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରି ନଗର ପରିକ୍ରମା ସହ ଭୋଟ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥିଲେ। ପଦଯାତ୍ରାକୁ କଳାହାଣ୍ଡି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଯୋଗ୍ୟ ଭୋଟରଙ୍କ ନାମ ପଞ୍ଜିକରଣ ଓ ଆଶାୟୀ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେହିପରି ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନିର୍ବାଚନ ପ୍ରକ୍ରିୟା ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ଆଧାରିତ ପଥପ୍ରାନ୍ତ ନାଟକ, ଯୋଗ, ଝୋଟି, ରଙ୍ଗୋଲି ଚିତ୍ରକଳା ଓ ବାଲୁକା କଳା ଇତ୍ୟାଦି ମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଲଗୋପାଳ ସେବାନିକେତନ, ଏନଏସ ଡ୍ୟାନ୍ସ ଗ୍ରୁପ, କଳାହାଣ୍ଡି କଳା କେନ୍ଦ୍ର, ସକ୍ଷମ ନୃତ୍ୟ କେନ୍ଦ୍ର, ପ୍ରଗତି କନସେପ୍ଟ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରାହାଗିରି ପଥ ଉତ୍ସବରେ କଳାହାଣ୍ଡି ଆର୍ଟସ ସ୍କୁଲ, ପତଞ୍ଜଳି ଯୋଗ କେନ୍ଦ୍ର, ତରୁଣ ମହାପାତ୍ର, ମାନସ ପଣ୍ଡାଙ୍କ ରଙ୍ଗୋଲି, ବାଲଗୋପାଳ ସେବା ଅନୁଷ୍ଠାନର ବାଲୁକା କଳା, କାରୁଣ୍ଡ କଳା କେନ୍ଦ୍ରର ପଥପ୍ରାନ୍ତ ନାଟକ ମତଦାନ ଉପରେ ବିଶେଷ ସଚେତନତା ସୃଷ୍ଟି କରିଥିଲା। ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୪ କାର୍ଯ୍ୟକ୍ରମ ଗତ ୨୭ ତାରିଖରୁ ଆରମ୍ଭ ହୋଇ ଆସନ୍ତା ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲିବ। ଆଶାୟୀ ଭୋଟର ନିଜର ନାମକୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ କିମ୍ବା ପୂର୍ବରୁ ପଞ୍ଜୀକୃତ ଭୋଟର ନିଜର ନାମ ଅପସାରଣ, ସବିଶେଷ (ନାମ, ଠିକଣା, ତଥ୍ୟ, ଫଟୋ) ସଂଶୋଧନ, ଆଧାରକାର୍ଡ ସଂଯୋଗୀକରଣ ପାଇଁ ନିକଟସ୍ଥ ବୁଥକୁ ଯାଇ ବା ନିଜ ମୋବାଇଲରେ ଭୋଟର ହେଲ୍ପଲାଇନ ଆପ ଡାଉନଲୋଡ କରି ଅନଲାଇନ ମାଧ୍ୟମରେ କରିପାରିବେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ସଚିନ ପାୱାର ପ୍ରକାଶ, ଭବାନୀପାଟଣା ଉପଜିଲାପାଳ ଡ .ବିଶ୍ୱଜିତ ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର, ଡେପୁଟି କଲେକ୍ଟର (ନିର୍ବାଚନ) କିରଣ କୁମାର ମହାନ୍ତି, ସହକାରୀ ଜିଲାପାଳ ଶରତ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀପାଟଣା ମୁନିସିପାଲିଟି ଚିନ୍ମୟ ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଅଜୟ ମିଶ୍ର, ହେମନ୍ତ ମୁଣ୍ଡ, ବହୁ ବୁଦ୍ଧିଜୀବୀ, ଏନଜିଓ କର୍ମକର୍ତ୍ତା ଓ ଜିଲାସ୍ତରର ଅଧିକାରୀ ଉପସ୍ଥିତ ଥିଲେ।

# ଶହଶହ ବୋଦା ବଳିରେ ସୁନାଦେଇ ପୀଠ ରକ୍ତରଞ୍ଜିତ


ଦେବୀ ଛତର ଧରି ଶ୍ରଦ୍ଧାଳୁ ବୁଲୁଛନ୍ତି।

**ନୂଆପଡ଼ା,୨୮।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଚକୋଟିଆ ଭୂଞ୍ଜିଆ ଆଦିବାସୀ ସମ୍ପ୍ରଦାୟର ଇଷ୍ଟଦେବୀ ମା’ ସୁନାଦେଇଙ୍କ ନବରାତ୍ରି ପୂଜା ଅନୁଷ୍ଠିତ ହୋଇଯାଇଛି। ଆଶ୍ୱିନ ଅମାବାସ୍ୟାଠାରୁ ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ଦିନ ଶେଷ ହୋଇଛି। ଶେଷ ଦିନରେ ଛତର ଯାତ୍ରା ଅନୁଷ୍ଠିତ ହୋଇ ଦେବୀ ଗ୍ରାମ ପରିକ୍ରମା କରିଥିଲେ। ସୁନାଦେଇ ମୁଖ୍ୟ ମନ୍ଦିରରୁ ଛତର ଲିଙ୍ଗଭଟାକୁ ଯାଇଥିଲା। ସେଠାରେ ମା’ଙ୍କ ପ୍ରଥମ ପୂଜା, ବୋଦା ବଳି ଦେଲା ପରେ ଚାରି ଦିଗର ୮୪ ଖଣ୍ଡ ଗାଁର ଲୋକେ ଆଣିଥିବା ବୋଦା ବଳି ଦିଆଯାଇଥିଲା। ବରୁଆମାନଙ୍କ ଶରୀରରେ କାଳିସି ଆସି ଛତର ଧରି ଗ୍ରାମ ପରିକ୍ରମା କରିଥାନ୍ତି। ମା’ଙ୍କ ଠାରେ ଅଧିଆ ପଡିଲେ ସବୁ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ପୂର୍ବରୁ ବିଶ୍ୱାସ ରହିଛି। ଦେବୀ ଛତର ଧରି ଗ୍ରାମ ପରିକ୍ରମା କରୁଥିବା ସମୟରେ ଭକ୍ତମାନେ ଅଧିଆ ପଡିଥାନ୍ତି। ଯେଉଁ ଭକ୍ତମାନଙ୍କର ମନସ୍କାମନା ପୂର୍ଣ୍ଣ ହୋଇଥାଏ। ସେ ଯାତ୍ରା ସମୟରେ କିମ୍ବା ଅନ୍ୟ ସମୟରେ ମା’ଙ୍କଠାରେ ବୋଦା ବଳି ଦେଇଥାନ୍ତି। ଛତର ଧରି ଗ୍ରାମ ପରିକ୍ରମା କରୁଥିବା ସମୟରେ ମଧ୍ୟ ଶହ ଶହ ବୋଦା ବଳିରେ ସୁନାବେଡା ଓ ସୁନାଦେଇ ପୀଠ ରକ୍ତରଞ୍ଜିତ ହୋଇଛି। ମା’ ସୁନାଦେଇଙ୍କ ଛତର ଯାତ୍ରା ଦର୍ଶନ ପାଇଁ ନୂଆପଡ଼ା ଜିଲା ସମେତ କଳାହାଣ୍ଡି, ବରଗଡ, ବଲାଙ୍ଗିର ଓ ପଡୋଶୀ ରାଜ୍ୟ ଛତିଶଗଡର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଦର୍ଶନ ପାଇଁ ଆସିଥାନ୍ତି। ଶ୍ରଦ୍ଧାଳୁ ଭକ୍ତଙ୍କ ମନୋରଞ୍ଜନ ପାଇଁ ରାତ୍ରି ସମୟରେ ଦଣ୍ଡନାଚ, ଓଡିଆ ପୌରାଣିକ ନାଟକ, ସାମାଜିକ ନାଟକ ଓ ଛତିଶଗଡି ନାଚ ଭଳି ନାଟକ ଅନୁଷ୍ଠିତ ହୋଇଥାଏ। ଏହି ନାଟକ ପାର୍ଟିମାନେ ମା’ଙ୍କ ଆଶୀର୍ବାଦ ନେବା ପାଇଁ ବିନା ଖର୍ଚ୍ଚରେ ଆସି ନାଟକ ପରିବେଷଣ କରି ଯାଇଥାନ୍ତି ।

## ସେମାନଙ୍କ ମୁହଁରୁ...


“ଚଳିତବର୍ଷ ମଧ୍ୟ ମା’ ସୁନାଦେଇଙ୍କ ଛତର ଯାତ୍ରା ଅନୁଷ୍ଠିତ ହେଉଛି। ଏହା ଗୋଟିଏ ଭାଇଚାରାର ପର୍ବ ବୋଲି ଆମେ ଭାବିଥାଉ। କାହିଁକି ନା ଏହି ପର୍ବ ଦିନ ଅନେକ ଲୋକଙ୍କ ସହିତ ମିଳାମିଶା ହୋଇଥାଏ। ଅନେକ ବନ୍ଧୁବାନ୍ଧବ କୁଣିଆ ଆକାରରେ ଆସି ମା’ଙ୍କ ଆଶୀର୍ବାଦ ଭିକ୍ଷା ନେଇଥାନ୍ତି।

**ରଜନି ଜଗତ, ସୁନାବେଡା ସରପଞ୍ଚ ।**


“ମା’ ସୁନାଦେଇଙ୍କ ଛତର ଯାତ୍ରାରେ ବହୁତ ଲୋକ ଆସନ୍ତି ଓ ମା’ଙ୍କ ଆଶୀର୍ବାଦ ନେଇଥାନ୍ତି ବୋଲି ଆମେ ଶୁଣିଥିଲୁ । ହେଲେ ଏହି ବର୍ଷ ପ୍ରଥମ କରି ପରିବାର ସହିତ ଆସିଛୁ ଆମକୁ ବହୁତ ଖୁସି ଓ ଆନନ୍ଦ ଲାଗୁଛି ।

**କମଳା ମାଝି, ବରଗଡ ଜିଲା ଜାମସେଟ ଗାଁର ଶ୍ରଦ୍ଧାଳୁ।**


“ଅନ୍ୟ ବର୍ଷମାନଙ୍କ ଭଳି ଚଳିତବର୍ଷ ମଧ୍ୟ ମା’ଙ୍କ ଛତର ଯାତ୍ରା ବିଧି ବିଧାନରେ ଧୂମଧାମରେ ପାଳିତ ହେଉଛି। ମା’ଙ୍କ ପୂଜା ପାଇଁ ଆଶ୍ୱିନ ମାସ ଅମାବାସ୍ୟା ଦିନ ଠାରୁ ନବରାତ୍ର ପୂଜା ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ଦିନ ଛତର ଯାତ୍ରା ହେଲା ପରେ ମା’ଙ୍କ ଯାତ୍ରା ସମ୍ପନ୍ନ ହୋଇଥାଏ ।

**ଯୁବରାଜ ସିଂ ଛତ୍ରିଆ, ସୁନାବେଡା ସୁନାଦେଇ ପୂଝାରୀ।**


“ଅତି ଦୁଃଖର ବିଷୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ନ ଥିବାରୁ ମା’ଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପୋଲିସ ସୁରକ୍ଷା ନ ଥିବାରୁ ଟ୍ରାଫିକ ଜାମ ଭଳି ପରିସ୍ଥିତି ରହୁଥିଲା । ଲୋକେ ଯେଉଁ ସ୍ଥାନକୁ ଯିବା କଥା ଯାଇ ପାରୁ ନାହାନ୍ତି।

**ପ୍ରସନ୍ନ କୁମାର ପାଢୀ, ଜିଲା ଓକିଲ ସଂଘ ସଭାପତି।**

# ଭୋଟର ସଚେତନତା ନେଇ ପଥ ଉତ୍ସବ


ପଥ ଉତ୍ସବରେ ଜିଲାପାଳ ଓ ଅନ୍ୟମାନେ ।

**ବୌଦ୍ଧ,୨୮।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା ନେଇ ପଥ ଉତ୍ସବ ଶନିବାର ଦିନ ସହରର ମର୍ଯ୍ୟାକୁଦ ବ୍ରିଜ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ଭୋଟର ପଞ୍ଜୀକରଣ ପାଇଁ ସଚେତନତା କରିବା ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଓ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଯୋଗଦେଇ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭଯାତ୍ରା ମର୍ଯ୍ୟାକୁଦ ବ୍ରିଜ ଛକ ଠାରେ ପହଞ୍ଚିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲାପାଳ ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଉପଜିଲାପାଳ ରବିନ୍ଦ୍ରନାଥ କହଁର, ଜିଲା ନିର୍ବାଚନ ଅଧିକାରୀ ଶାଶ୍ୱତ ପ୍ରଧାନ ଯୋଗ ଦେଇ ଗଣତନ୍ତ୍ର କିପରି ସଦୃଢ଼ କରାଯାଇପାରିବ ସେ ନେଇ ମତବ୍ୟକ୍ତ କରିବା ସହ ପଥ ଉତ୍ସବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଆଗାମୀ ଦିନରେ ସମସ୍ତେ ଯେମିତି ଶତ ପ୍ରତିଶତ ଭୋଟ ଦେବେ ସେନେଇ ସଚେତନ କରିଥିଲେ। ସଭାରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର, ଶ୍ରେଷ୍ଠ ବିଏଲଓ, ତୃତୀୟ ଲିଙ୍ଗି, ସୁପରଭାଇଜରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୋଟରଙ୍କୁ ସଚେତନ କରିବା ପାଇଁ ୨ ଗୋଟି ଭିଡିଓ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ କୌତୁକ ପୋଷାକ, ଦସ୍ତଖତ ଅଭିଯାନ, ଭୋଟ ନେଇ ଫଟୋ ପ୍ରଦର୍ଶନୀ କରାଯାଇଥିଲା। ଜିତେନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ବାଳିକା ଉଚ୍ଚ ବିଦ୍ୟାଳୟ ଓ ବୁଟୁପାଲି ୟୁଜିଏମଇ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଘୋଡାଘାଟପଡାରେ ଗଜଲକ୍ଷ୍ମୀ ପୂଜା


ମା’ ଗଜଲକ୍ଷ୍ମୀ।

**ସୋନପୁର,୨୮।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଘୋଡାଘାଟପଡାରେ ୫୩ତମ ଗଜଲକ୍ଷ୍ମୀ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ସୁଧାଂଶୁ ଶତପଥୀ ସପତ୍ନିକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରହଣ ପାଇଁ ସକାଳେ ପୂଜା ଆରମ୍ଭ ହୋଇଥିଲା। ରାଧେଶ୍ୟାମ ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କୁମାର ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଖୁବ୍ ଧୁମଧାମ୍‌ରେ ଚାଲିବ। ଆସନ୍ତା ୩ ତାରିଖରେ ଇରା ମହାନ୍ତି ଓ ଟିମ୍ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ରହିଛି। ୫ ତାରିଖରେ ଦୁଲଦୁଲି, ଘଣ୍ଟବାଦ୍ୟ, କଲିକତା ରେକର୍ଡ ଡ୍ୟାନ୍ସ, ଗଜରାଜ ଓ ବାଘନାଚ ସହିତ ରଙ୍ଗାରଙ୍ଗ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ଜିତେନ୍ଦ୍ର କୁମାର ସାହୁ, ଉପସଭାପତି ତାପସ ରଞ୍ଜନ ମହାନ୍ତି, ସମ୍ପାଦକ ସୁମିତ କୁମାର ପୂଜାହାରୀ, କୋଷାଧକ୍ଷ ସିଲୁ ପାଣିଗ୍ରାହୀ ଓ ଆଶିଷ ନାୟକ ପ୍ରମୁଖ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମା’ ମାହେଶ୍ୱରୀ ଯାତ୍ରା ପାଳିତ

**ବୌଦ୍ଧ,୨୮।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାର ବିଭିନ୍ନ ଶକ୍ତିପୀଠରେ ଶନିବାର ଦିନ ମା’ ମାହେଶ୍ୱରୀ ଯାତ୍ରା ଓ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । ବୌଦ୍ଧ ବ୍ଲକର ବଲାକିରା ଗ୍ରାମସ୍ଥିତ ମା’ ମାହେଶ୍ୱରୀ ଶକ୍ତି ପୀଠରେ ଡୁମାଳ ସମାଜ ପକ୍ଷରୁ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି । ୫ଟି ପଞ୍ଚାୟତର ୨୫ ଗୋଟି ଗ୍ରାମର ଡୁମାଳ ସମାଜ ପରିବାର ଉତ୍ସବରେ ସାମିଲ ହୋଇଥିଲେ । ପରମ୍ପରା ଅନୁସାରେ ପୂଜକ ମାହେଶ୍ୱରୀଙ୍କ ପୂଜା, ଆଳତି ଓ ହୋମ କରିବା ପରେ ମା’ଙ୍କ ଖଣ୍ଡା ଓ ଛତ୍ର ନଗର ପରିକ୍ରମା କରିଥିଲା । ଏହି ଅବସରରେ ବାଡି ଖେଳ, କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଜିଲାର ବାମଣ୍ଡା, ବିରନରସିଂହପୁର ଆଦି ଗ୍ରାମରେ ଥିବା ଶକ୍ତିପୀଠରେ ମା’ ମାହେଶ୍ୱରୀଙ୍କ ଯାତ୍ରା ଓ କୁମାର ପୂର୍ଣ୍ଣିମା ପାଳିତ ହୋଇଥିଲା ।


ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ାରେ ମାନସିକଧାରୀ ଓ ମହିଳାଙ୍କ କଳସ ଶୋଭାଯାତ୍ରା ।

# ଗଜଲକ୍ଷ୍ମୀ ପୂଜା ପାଇଁ ଅଧିବାସ

**ଘଣ୍ଟାପଡା,୨୮।୧୦(ପ୍ରଭାତ କୁମାର ସାହୁ)**

ଶନିବାର ଦିନ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ାରେ ଶ୍ରୀରଘୁନାଥ ନାଟ୍ୟସଂସଦ ଓ ଘଣ୍ଟାପଡ଼ା ଗ୍ରାମବାସୀଙ୍କ ପକ୍ଷରୁ ମା’ ଗଜଲକ୍ଷ୍ମୀ ପୂଜା ପାଳନ ପାଇଁ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କମିଟି ଉପଦେଷ୍ଟାଙ୍କ ଉପସ୍ଥିତିରେ ମାନସିକଧାରୀ ଓ ମହିଳାମାନେ ଗ୍ରାମ ନିକଟସ୍ଥ ସମଲେଶରୀ ତେଲ ନଦୀ ଘାଟରୁ ପୂଜାର୍ଚ୍ଚନା ପରେ ଜଳପୂର୍ଣ୍ଣ କଳସ ଧରି ଗାଁ ପରିକ୍ରମା କରିବା ପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଉକ୍ତ ଅଧିବାସରେ ପଣ୍ଡିତ ଜିତେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିଲେ । ରମେଶ ପୋଢ ସପତ୍ନିକ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପୂଜା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ମାହେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

**ବଘିଆପଡା,୨୮।୧୦(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ବଘିଆପଡା ଗ୍ରାମ ପଞ୍ଚାୟତର ମାଝୀସାହି ଡୁମାଲ କେନ୍ଦ୍ରଠାରେ ନୂତନ ମାହେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ଓ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଶନିବାର ଦିନ ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜା କରିବା ସହ ଶୁଭଖୁଣ୍ଟି ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ସୁବୋଧ ପ୍ରଧାନ, ଆଠମଲ୍ଲିକ ବ୍ଲକର ପୂର୍ବତନ ଚେୟାରମ୍ୟାନ ଚିତ୍ତ ରଞ୍ଜନ କର୍ଣ୍ଣ, ଡୁମାଲ ସମାଜର ସଭାପତି ସୀତାଂଶୁ ମହାକୁଡ, ପୂର୍ବତନ ସରପଞ୍ଚ ଦେବହରି ମହାକୁଡ, ଶୈଳେନ୍ଦ୍ରି ମହାକୁଡ ଉପସ୍ଥିତ ଥିଲେ। ମାହେଶ୍ୱରୀ ପୂଜକ ଜେ. ପାତ୍ର ପୂଜା କାର୍ଯ୍ୟ କରିଥିଲେ। ଏହି ମନ୍ଦିର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଅଛି। କାର୍ଯ୍ୟକ୍ରମକୁ କେନ୍ଦ୍ରର ସମ୍ପାଦକ ଧରଣୀଧର ଲଉରିଆ, ପୂର୍ବତନ ସମିତି ସଭ୍ୟ ପ୍ରଭାତ ପ୍ରଧାନ ପରିଚାଳନା କରିଥିଲେ। ବଘିଆପଡା, ଟିକରପଡା, ଓ ବ୍ରାହ୍ମଣପାଲି ଡୁମାଲ ସମାଜର କର୍ମକର୍ତ୍ତା ସାମିଲ ଥିଲେ ।

# ମଝିପଡା କାଳୀପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ସୋନପୁର,୨୮।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ମଝିପଡା ସାର୍ବଜନୀନ ମା’ କାଳୀପୂଜା ପାଇଁ ଶୁକ୍ରବାର ପୂଜା ମଣ୍ଡପରେ ଶୁଭସ୍ତମ୍ଭ ସ୍ଥାପନା କରାଯାଇଛି। ପୂଜକ ଚୈତନ୍ୟ ପୂଝାରୀଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ମା’ଙ୍କ ପୂଜା ସହ ଶୁଭ ସ୍ତମ୍ଭ ସ୍ଥାପନା କରାଯାଇଥିଲା। ଶୁକ୍ରବାରଠାରୁ ମା’ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ରାମଧୁନ କ୍ଲବ ମଝିପଡ଼ା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂଜା କମିଟି ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, କ୍ଲବର ସଭାପତି ପୀୟୂଷ କୁମାର ପଣ୍ଡା, କ୍ଲବ ସମ୍ପାଦକ ବିକାଶ ପଣ୍ଡା, ବରିଷ୍ଠ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ, ଲଡୁ କିଶୋର ମଲ୍ଲିକ, ରଞ୍ଜିତ ସାହୁ, ଗୋପାଳ ମେହେର, ସାନନ୍ଦ ନେଗୀ, ସତ୍ୟ ଦେହୁରୀ, ସୁରଜ ସାହୁଙ୍କ ସମେତ କାଳୀପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ଶୁଭସ୍ତମ୍ଭ ସ୍ଥାପନ ଅବସରରେ ପୂଜା କରାଯାଉଛି।

# ଗୌରୀଙ୍କ ଠାରେ ଲାଗି ହେଲା ଖିରି ଓ ପିଠା

**ସୋନପୁର,୨୮।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଢେରାପଡାର ପ୍ରସିଦ୍ଧ ହରଗୌରୀ ଯାତ୍ରା ତେଲୁଗୁ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଗୌରୀଙ୍କୁ ଆବାହନ କରି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଗୌରୀଙ୍କ ଆଗମନ ପରେ ଉତ୍ସବମୁଖର ହୋଇଉଠିଛି ସମଗ୍ର ଢେରାପଡା। ଶନିବାର ଦେବୀ ଗୌରୀଙ୍କଠାରେ ପ୍ରଥମ ଅର୍ଘ୍ୟ ସ୍ୱରୂପ ଲାଗି ହୋଇଛି ପାପଲୁ ପାଏସମୁ(ଖିରି ଓ ପିଠା)। ପଡାର ପ୍ରତି ଘରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଏହି ନୈବେଦ୍ୟ ମା’ଙ୍କ ଠାରେ ଲାଗି ହୋଇଥିଲା। ପରେ ଯୁବକ ସ୍ୱାଗତଂ ପାତ୍ର ଡାକବାଲା ସାଜି ବିଭିନ୍ନ ସାହି ବସ୍ତି ତଥା ଗ୍ରାମାଞ୍ଚଳରେ ଯାତ୍ରା ଆରମ୍ଭ ହୋଇଥିବା ନେଇ ସୂଚନା ପତ୍ର ଦେଇଛନ୍ତି। ପୁରାତନ ପରମ୍ପରା ଅନୁଯାୟୀ ଡାକ ବାଲା ଦ୍ୱାରା ଏଭଳି ସୂଚନା ପ୍ରଦାନ କରିବା ପ୍ରଥା ରହିଆସିଛି। ଗୌରୀଙ୍କ ଆଗମନର ଗୋଟିଏ ଦିନ ପରେ ଅର୍ଥାତ ରବିବାର ସହରର ବିଶିଷ୍ଟ ମୂର୍ତ୍ତିକାର ଗୋଲେଖନାଥ ସାହୁଙ୍କ ବାସଗୃହରୁ ହର(ଶିବ)ଙ୍କୁ ଆରାଧନା ପୂର୍ବକ ପୂଜା ମଣ୍ଡପକୁ ଅଣାଯିବ। ଏକ ଶୋଭାଯାତ୍ରାରେ ହରଙ୍କୁ ଅଣି ଗୌରୀଙ୍କ ପାର୍ଶ୍ୱରେ ରଖାଯିବାର ବିଧି ରହିଛି। ହରଗୌରୀଙ୍କୁ ପ୍ରତ୍ୟହ ଷୋଡଶ ଉପଚାରରେ ପୂଜା ଓ ରୁଦ୍ରାଭିଷେକ କରାଯିବ। ଏହି ଅବସରରେ ମହିଳାଙ୍କ ଦ୍ୱାରା ଆକର୍ଷଣୀୟ କୁମକୁମ୍ ପୂଜା ଆୟୋଜିତ ହୋଇଥାଏ। ହରଗୌରୀ ଯାତ୍ରା କମିଟି ଓ ବୁଢୀମା’ ଯୁବକ ସଂଘ ପକ୍ଷରୁ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୯ ଦିନ ବ୍ୟାପି ନୀତିକାନ୍ତି ଅନୁଯାୟୀ ଚାଲିବ। ହରଗୌରୀ ଓ ବୁଢୀମାଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ଆସନ୍ତା ୩୦ ତାରିଖ ଠାରୁ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜଣାପଡିଛି। ଏହି ଯାତ୍ରା ପାଇଁ ଉଠା ଦୋକାନୀଙ୍କ ଭିଡ ଲାଗିବା ସହ ଢେରାପଡାରେ ଖାଦ୍ୟର ପସରା ମେଳିଛି। ସହରରେ ଥିବା ତେଲୁଗୁ ସମ୍ପ୍ରଦାୟଙ୍କ ଦ୍ୱାରା ପ୍ରତି ୨ ବର୍ଷରେ ଥରେ ଏହି ଯାତ୍ରା ଆୟୋଜିତ ହୋଇଆସୁଛି।


ଗୌରୀଙ୍କ ନିକଟରେ ଲାଗି ହେଲା ଖିରି ଓ ପିଠା।

## ଢେରାପଡାରେ ହରଗୌରୀ ଯାତ୍ରା

## ସଂକ୍ଷେପରେ

### ତାଲା ଭାଙ୍ଗି ଘରୁ ଚୋରି

**ବଡ଼ଗାଁ,୨୮।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ଅଫିସ ନିକଟରେ ରହୁଥିବା ପାଉଁରୁଟି ଫ୍ୟାକ୍ଟ୍ରିର ମାଲିକ ପ୍ରଦୀପ ସିଂହଙ୍କ ଘର ତାଲା ଭାଙ୍ଗି ଚୋରି ହୋଇଛି। ଚୋରମାନେ ଆଲମିରା ଭାଙ୍ଗି ପ୍ରାୟ ୧୫ ହଜାର ଟଙ୍କା, ଏକ କୁଲରର ମୋଟର, ଆଇରନ, ବ୍ଲୁ ଟୁଥ୍ ନେଇଯାଇଛନ୍ତି। ଏନେଇ ସେ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ସୂଚନା ଅନୁଯାୟୀ, ପ୍ରଦୀପ ତାଙ୍କ ପରିବାର ସହ ପୈତୃକ ଗ୍ରାମକୁ ଦଶହରାରେ ଯାଇଥିଲେ। ଶନିବାର ଫେରିଲା ବେଳକୁ ତାଙ୍କ ଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ।

### ଅନିଲଙ୍କୁ ସ୍ୱାଗତ ଜଣାଇଲେ ହେମଗିରବାସୀ

**ହେମଗିର,୨୮।୧୦(ଚୈତନ୍ୟ ପଟେଲ):** ଛତିଶଗଡ଼ରୁ ପୁରୀକୁ ଦୌଡ଼ି ଦୌଡ଼ି ଯାତ୍ରା କରିଥିବା ଅନିଲ ଗୁପ୍ତାଙ୍କୁ ସ୍ୱାଗତ ଜଣାଇଛନ୍ତି ହେମଗିରବାସୀ। ସେ ଗତ ୧୫ ତାରିଖରୁ ଯାତ୍ରା ଆରମ୍ଭ କରିଥିଲେ। ତାଙ୍କ ଘର ଛତିଶଗଡ଼ର କୁରୁମଲେଗା ଗ୍ରାମରେ। ୯ ଦିନର ଯାତ୍ରା ପରେ ସେ ପୁରୀରେ ପହଞ୍ଚି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି ଫେରୁଥିବା ସମୟରେ ହେମଗିରବାସୀ ତାଙ୍କୁ ସ୍ୱାଗତ ଜଣାଇଥିଲେ।

### ଶିବିରରେ ୫୭ ୟୁନିଟ୍ ରକ୍ତ ସଂଗ୍ରହ



**ବଡ଼ଗାଁ,୨୮।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ସମବାୟ ସମିତି ପକ୍ଷରୁ ଶନିବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ଜିଲା ସମବାୟ ଉପ ନିବନ୍ଧକ ଉମାଶଙ୍କର ଦାସ,ସମବାୟ ସମିତି ସଭାପତି ଭୂଲକୁ ଠେମରିଆ, ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ପଟେଲ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କୃଷ୍ଣଚନ୍ଦ୍ର ସାହୁ, ତପନ ସାହୁ, ଦୁର୍ଯ୍ୟୋଧନ ସାହୁ, ଢୁଲାମଣୀ ସାହୁ, ସୁନୀଲ କୁମାର ସା, ସଞ୍ଜୟ ବେହେରା ପ୍ରମୁଖ ଯୁବକ ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ରତ୍ନପ୍ରଭା ନାୟକ, ଯୁଧିଷ୍ଠିର ଭଏସାଲ, ଆଶାରାଣୀ ନାଏକ, ବିଜୟ ରକ୍ସା ଶିବିର ପରିଚାଳନା କରିଥିଲେ। ସମବାୟ ସମିତି ସଭ୍ୟ ଆଲୋକ ପଟ୍ଟନାୟକ, ଚିନ୍ତାମଣି ସାହୁ, ଧରଣୀଧର ସା, ପରମାନନ୍ଦ ପାଣିଗ୍ରାହୀ, ପଦ୍ମିନୀ କିଷାନ, ସନାତନ କିଷାନ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ବନ୍ଧମୁଣ୍ଡାରେ ଗଜଲକ୍ଷ୍ମୀ ପୂଜା

**ବନ୍ଧମୁଣ୍ଡା,୨୮।୧୦(ସୁବ୍ରତ ଡେ):** ବନ୍ଧମୁଣ୍ଡା ସ୍ଥିତ ଡିଜେଲ ଛକଠାରେ ଗଜ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜକ କମିଟି ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରା ଯାଉଛି। ପୂଜା ଆୟୋଜନରେ କମିଟି ଅଧକ୍ଷ ମହମ୍ମଦ ଇରଫାନ୍, ଟି ପ୍ରକାଶ ରାଓ, ଅଖିଳେଶ ଭଗତ, ଶିବୁ ପ୍ରଧାନ, ପ୍ରଦୀପ ପ୍ରମାଣିକ, ଅମର ଦାସ, ଅନିଲ ଶାମଲ, ନିରଞ୍ଜନ ସାରଙ୍ଗୀ, ସାନ୍ତୋଶ ରାୟ, ଲୋକନାଥ ପାତ୍ର, ଭାବ ଦତ୍ତ, ଅଭିଷେକ ତିୱାରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

### ମୁକୁନ୍ଦ ନନ୍ଦ ହତ୍ୟା ମାମଲା, ସାଇଣ୍ଟିଫିକ ଟିମ୍‌ର ତନାଘନା

**ଲୋଇସିଂହା,୨୭।୧୦(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ପୁଇଁତଳା ଥାନା କୁଲେରବାହାଲି ଗ୍ରାମର ଡ୍ରାଇଭର ମୁକୁନ୍ଦ ନନ୍ଦଙ୍କ ଗତ ସୋମବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଗୁରୁବାର ମୃତଙ୍କ ଭାଇ ବୀରନନ୍ଦ ନନ୍ଦ ଲୋଇସିଂହା ଥାନାରେ ଏତଲା ଦେବା ପରେ ମାମଲା ଭିନ୍ନମୋଡ ନେଇଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୁକୁନ୍ଦଙ୍କ ଯେଉଁ କାର (ଓଡି୧୪ ଏଏ ୭୯୧୪)ଭିତରେ ମୃତ୍ୟୁ ଘଟିଥିଲା ବୋଲି କୁହାଯାଉଛି ତାକୁ ଜବତ କରିଛି। ଶୁକ୍ରବାର ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଲୋଇସିଂହା ଥାନାରେ ପହଞ୍ଚି ଜବତ ଆରଟିକା କାରକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲେ।



ଗଜଲକ୍ଷ୍ମୀ ପୂଜା ପାଇଁ ବାହାରିଥିବା କଳସ ଯାତ୍ରା।

# ବଡ଼ଗାଁ ଗଜଲକ୍ଷ୍ମୀ ପୂଜାର ସୁବର୍ଣ୍ଣ ଜୟନ୍ତୀ

**ବଡ଼ଗାଁ,୨୮।୧୦( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଗଜଲକ୍ଷ୍ମୀ ପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେଉଛି। ଶୁକ୍ରବାର ଭୋର ସମୟରେ ୧୦୮ କଳସ ଯାତ୍ରାରେ ଭକ୍ତମାନେ ବଦ୍ରି ବିଶାଳ ପୋଖରୀରୁ ପାଣି ଆଣିବା ପରେ ମଣ୍ଡପରେ ପୂଜା ଆରମ୍ଭ ହୋଇଥିଲା। ଦିବ୍ୟ ଲୋଚନ ମିଶ୍ର, ବିଜୟ ନାୟକ, ରଞ୍ଜିତ ନାୟକ ପୂଜା କାର୍ଯ୍ୟ ତୁଲାଉଥିବାବେଳେ ମାନସ କର ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଶନିବାରରୁ ଗୁରୁବାର ପର୍ଯ୍ୟନ୍ତ ପ୍ରତ୍ୟେକ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ରଖାଯାଇଛି। ଜଣାଶୁଣା ସମ୍ବଲପୁରୀ ହାସ୍ୟ ଅଭିନେତା ଯୋଗେଶ ଯୋଯୋ ଓ ଅଧ୍ୟାପକ କେଦାର ପଟେଲଙ୍କ କମେଡି ଶୋ, ଅର୍କେଷ୍ଟ୍ରା, ଗ୍ରାମର ଯୁବକଙ୍କ ଦ୍ୱାରା ଜହ ପଡା ଜହ ବେଡା ଏବଂ ଏ ସୁନତ ହୋ ନାଟକ ମଞ୍ଚସ୍ଥ ହେବ। ଶୁକ୍ରବାର ପୂର୍ଣ୍ଣାହୁତି ଓ ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ବଡ଼ଗାଁରେ ଗଜଲକ୍ଷ୍ମୀ ପୂଜା ୧୯୭୨ରୁ ଆରମ୍ଭ ହୋଇଆସୁଛି। ପୂଜା କମିଟି ସଭାପତି ବିଟୁ ନାୟକ, କର୍ମକର୍ତ୍ତା ଅମିତ କୁମାର୍ ପୃଷେଟ, ଟୁଲୁ ନାୟକ, ସାଜନ ମହାନ୍ତି, ରଞ୍ଜନ ଦାସ, ଦତ୍ତାତ୍ରେୟ ପାଣିଗ୍ରାହୀ, ଉତ୍ତମ ପଣ୍ଡା, ସାଗର ସା, ସ୍ୱାଧୀନ ପୃଷେଟ, ରାଜା ସା, ରକ୍କି ସା, ଆଶିଷ ମିଶ୍ରଙ୍କ ସହିତ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି।

# ପାଇପ ବିଛାଇ ଛାଡ଼ି ଦେଲେ, ଅହରହ ଉଡୁଛି ଧୂଳି

**କୁଆଁରମୁଣ୍ଡା,୨୮।୧୦(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଲିଙ୍କ ରୋଡରେ ଚାଲିଛି ପାଣି ପାଇପ୍ ବିଛା କାର୍ଯ୍ୟ। ଏହି ରୋଡର ଗୋଟିଏ ପାର୍ଶ୍ୱରେ ଜେସିବି ସାହାଯ୍ୟରେ ମାଟି ଖୋଳାଯାଇ ପାଇପ୍ ବିଛା କାର୍ଯ୍ୟ କରାଯାଉଛି। ଆବଶ୍ୟକ ସ୍ଥଳେ ଢଳେଇ ରାସ୍ତା ଫଟା ଯାଉଛି। ହେଲେ ପାଇପ୍ ବିଛା ସରିବା ପରେ ଢଳେଇକୁ ପୁନର୍ବାର ମରାମତି କରାଯାଉନାହିଁ। କେତେକ ସ୍ଥାନରେ ଉକ୍ତ ଢଳେଇକୁ ସିମେଣ୍ଟ ପରିବର୍ତ୍ତେ ମାଟିରେ ପୋତାଯାଉଥିବା ଅଭିଯୋଗ ହେଉଛି। ପାଇପ୍ ବିଛା କାର୍ଯ୍ୟ ସରିବା ପରେ ଢଳେଇ ରାସ୍ତାରେ ନାଲି ମାଟି



ରାସ୍ତାରେ ନାଲି ମାଟି ପଡିରହିଛି।

ପଡ଼ି ରହୁଥିବା ବେଳେ ତାହାକୁ ସଫା କରାଯାଇ ପାଣି ସିଞ୍ଚନ କରାଯିବା କଥା। ମାତ୍ର ତାହା କରାଯାଉ ନ ଥିବାରୁ ଏବେ ଲିଙ୍କ ରୋଡରେ ଅହରହ ଧୂଳି ଉଡିଛି। ଘରେ ବିଭିନ୍ନ ଆସବାବ ପତ୍ରରେ ଧୂଳି ପଡ଼ି ନାଲି ଆସ୍ତରଣ ସୃଷ୍ଟି ହେଉଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ପାଇପ ବିଛା କାର୍ଯ୍ୟ କରୁଥିବା ସଂସ୍ଥା ଏ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି। ଏ ନେଇ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ବନ୍ଦିତା ପ୍ରିୟଦର୍ଶିନୀ ସାମଲଙ୍କୁ ଶନିବାର ଫୋନ ଯୋଗେ ଯୋଗାଯୋଗ କରାଯିବାରୁ ସେ ପରେ କଥା ହେବେ ବୋଲି କହି ଫୋନ ରଖି ଦେଇଥିଲେ। ପରେ ମତାମତ ପାଇଁ ଏକାଧିକ ଥର ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ।

# ଖେଲୋ ଇଣ୍ଡିଆ ମହିଳା କିକ୍ ବକ୍ସିଂ ଲିଗ୍ ଆରମ୍ଭ

**ବନ୍ଧମୁଣ୍ଡା,୨୮।୧୦(ସୁବ୍ରତ ଡେ)**

୨ ଦିନିଆ ଖେଲୋ ଇଣ୍ଡିଆ ମହିଳା କିକ୍ ବକ୍ସିଂ ଲିଗ୍ ଶନିବାର ରାଉରକେଲା ଛେଣ୍ଡର ମଧୁସୂଦନ ଭବନଠାରେ ଆରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଧା ସ୍ୱାମୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚରଣଜିତ ଭର୍ମା ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୱାକୋ ଓଡିଶାର ଅଧକ୍ଷ କାର୍ତ୍ତିକ ଡାକୁଆ, ମହେନ୍ଦ୍ର କୁମାର, ଖେଲୋ ଇଣ୍ଡିଆ ମହିଳା କିକ୍ ବକ୍ସିଂ ଲିଗ୍ କାର୍ଯ୍ୟନିର୍ବାହୀ ସଭାପତି ବିଚିତ୍ର ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁନ୍ଦରଗଡ ଜିଲା କିକ୍ ବକ୍ସିଂ ସଂଗଠନ ଏବଂ ଅର୍ମେଚର କିକ୍ ବକ୍ସିଂ ସଂଗଠନ ଓଡିଶାର ମିଳିତ ଉଦ୍ୟମରେ ଆୟୋଜିତ ଏହି ମହିଳା କିକ୍ ବକ୍ସିଂ ଲିଗରେ ବିଭିନ୍ନ ଜିଲାର ମୋଟ ୨୦୫ କିକ୍ ବକ୍ସିଂ ଖେଳାଳି ଏବଂ ୪୭ ଅଫସିଆଲ ସଦସ୍ୟ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଭର୍ମା କହିଛନ୍ତି ,ଖୁବ୍ କମ୍ ସମୟ ମଧ୍ୟରେ କିକ୍ ବକ୍ସିଂ ଦେଶର ଯୁବ ପିଢ଼ୀଙ୍କ ପାଇଁ ଏକ ଲୋକପ୍ରିୟ ଖେଳ ହୋଇପାରିଛି। ସୁନ୍ଦରଗଡ କିକ୍ ବକ୍ସିଂ ସଂଗଠନ ସମଗ୍ର ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି। ଏହି ମହିଳା କିକ୍ ବକ୍ସିଂ ଲିଗ ରବିବାର ଶେଷ ହେବ।

# ସୁଦୃଢ଼ ଗଣତନ୍ତ୍ର ପାଇଁ ଭୋଟଦାନ ଜରୁରୀ




ଉପଖଣ୍ଡ ପ୍ରଶାସନ ତରଫରୁ ବାହାରିଥିବା ଶୋଭାଯାତ୍ରା।

**ବଣାଇଁ,୨୮।୧୦(ପ୍ରଦୀପ ତ୍ରିପାଠୀ)**

### ଯୁବ ଭୋଟରଙ୍କ ମଧ୍ୟରେ ସଚେତନତା ପାଇଁ ପଥ ଉତ୍ସବ, ୱାକାଥନ

ସୁନ୍ଦରଗଡ଼ ଜିଲା ବଣାଇଁ ନିର୍ବାଚନମଣ୍ଡଳୀରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ଓ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟରତାଲିକା ସଂଶୋଧନ ନିମନ୍ତେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ଏକ ୱାକାଥନ ଓ ପଥ ଉତ୍ସବ ଉପଖଣ୍ଡ ସଦର ମହକୁମାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉପଖଣ୍ଡ ପ୍ରଶାସନ ତରଫରୁ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଦେଓଗାଁ ଛକରୁ ଶୋଭାଯାତ୍ରା ବାହାରି ବଣାଇଁ ବସ୍‌ଷ୍ଟାଣ୍ଡ ଛକରେ ପହଞ୍ଚିଥିଲା। ବଣାଇଁଗଡ଼ କଲେଜ ଛାତ୍ରୀଛାତ୍ରଙ୍କ ସମେତ ବୁଥ ସ୍ତରୀୟ ଅଧିକାରୀ, ଉପଖଣ୍ଡ ଅଧୀନରେ ଥିବା ୪ଟି ବ୍ଲକର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଖଣ୍ଡ ପୋଲିସ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଏହି ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସଞ୍ଚାଳନ କରିଥିଲେ। ମତଦାନ ସଚେତନତା ଉପରେ ବାର୍ତ୍ତା ବହନ କରୁଥିବା ପ୍ଲା କାର୍ଡ ହାତରେ ଧରି ଛାତ୍ରୀଛାତ୍ର ରାଲିରେ ବଣାଇଁ ସହର ପରିକ୍ରମାରେ ସାମିଲ ହୋଇଥିଲେ। ଏହି ସଚେତନତା ଶୋଭାଯାତ୍ରା ବଣାଇଁ ବସଷ୍ଟାଣ୍ଡ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯୁବ ମତାଦାତାଙ୍କୁ ମତଦାନ ପ୍ରତି ଆକୃଷ୍ଟ କରିବା ପାଇଁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଆକର୍ଷଣ ସାଜିଥିଲେ ଜଣାଶୁଣା ଟିଭି ତାରକା ସୁମନ୍ତ ଦାଶ। ରଙ୍ଗୋଲି, ଝୋଟି ସହ ନିର୍ବାଚନ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତା ହୋଇଥିଲା। ଏହା ସହ ଏକ ଡମି ମତଦାନ କେନ୍ଦ୍ର କରାଯାଇଥିଲା। ଯେଉଁଥିରେ ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସର ଉପସ୍ଥିତ ରହି କିପରି ଭାବେ ମତଦାନ କରାଯିବ ସେ ବିଷୟରେ ବୁଝାଇଥିଲେ। ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାନ କେବଳ ଆମ ଅଧିକାର ନ ରହି କର୍ତ୍ତବ୍ୟ ହେବା ଉଚିତ ବୋଲି ପ୍ରଶାସନିକ ଅଧିକାରୀ କହିଥିଲେ। ଏହା ସହ ଯୁବ ଭୋଟରଙ୍କୁ ଆଗାମୀ ନିର୍ବାଚନରେ ଭୋଟ ଦେବାକୁ ଉତ୍ସାହିତ କରିବା ସହ ସ୍ଥାନୀୟ ବୁଥ୍ ସ୍ତରୀୟ ଅଧିକାରୀ କିମ୍ବା ଭୋଟର ହେଲ୍ପଲାଇନ ଆପ୍ ତଥା ୱେବ୍‌ସାଇଟ ମାଧ୍ୟମରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ପରାମର୍ଶ ଦେଇଥିଲେ। ୨୦୨୩ ଜାନୁୟାରୀ ୧ ସୁଦ୍ଧା ୧୮ ବର୍ଷ ପୂରଣ କରୁଥିବା ଯୁବବର୍ଗଙ୍କୁ ଭୋଟର ତାଲିକାରେ ପଞ୍ଜୀକୃତ କରିବା ସହ ନିର୍ବାଚନରେ ମତଦାନ କରି ଗଣତନ୍ତ୍ରର ମହାପର୍ବରେ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ। ଆଗାମୀ ଜାନୁୟାରୀ ମାସରେ ପ୍ରକାଶିତ ହେବାକୁ ଥିବା ନୂତନ ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବା ପାଇଁ ନାମ ସଂଶୋଧନ କରିବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ।

# ଶେଷକୃତ୍ୟ କଲେ ଟିମ୍ ଶ୍ମଶାନ ବନ୍ଧୁ

### ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ପରଲୋକ

**ସୁନ୍ଦରଗଡ,୨୮।୧୦(ଜୟ ନାରାୟଣ ମେଣ୍ଡୁଲି)**

ଲୁହୁରାଡିପା ହାଉସିଂବୋର୍ଡ ବୃଦ୍ଧାଶ୍ରମରେ ଜଣେ ଅନ୍ତେବାସୀଙ୍କ ପରଲୋକ ହୋଇଥିଲା। ମୃତକ ହେଲେ ସବ୍‌ଡେଗା ବ୍ଲକ ଲେମଲେମା ଗ୍ରାମର ସୀର ପ୍ରଧାନ(୬୦)। ଜାତିଆଣ ଭାବକୁ ନେଇ ମୃତଦେହ ନେବାକୁ ମନା କରିଦେଇଥିଲେ ପରିବାର ଲୋକେ। ବାଧ ହୋଇ ବୃଦ୍ଧାଶ୍ରମ କର୍ତ୍ତୃପକ୍ଷ ମୃତ ଦେହକୁ ମର୍ଗ ହାଉସରେ ରଖିଥିଲେ। ଏନେଇ ଟିମ୍ ଶଶ୍ମାନ ବନ୍ଧୁଙ୍କ ସହଯୋଗ ଲୋଡିଥିଲେ। ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ଦେବେନ୍ଦ୍ର ସାହୁ ଓ ବିଷ୍ଣୁ ରକ୍ସା ମହାପ୍ରୟାଣ ଯୋଗେ ମୃତଦେହକୁ ସୁନ୍ଦରଗଡ ସ୍ୱର୍ଗଦ୍ୱାରକୁ ଆଣିଥିଲେ। କିନ୍ତୁ ବିଗତ କିଛିମାସ ହେଲା ଶବଦାହ ପାଇଁ ଜାଳେଣୀର ଘୋର ଅଭାବ ଥିବାରୁ ୪ଘଣ୍ଟା କାଳ ମୃତଦେହ ପଡ଼ି ରହିଥିଲା। ଶେଷରେ ଇତମା ଠାରୁ କାଠ ଆସିବା ପରେ ଅପରାହ୍ଣରେ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟଙ୍କ ସମ୍ପୂର୍ଣ୍ଣ ସହଯୋଗରେ ହିନ୍ଦୁ ପରମ୍ପରା ଓ ନୀତିନିୟମ ଅନୁଯାୟୀ ବୃଦ୍ଧାଶ୍ରମ କର୍ତ୍ତୃପକ୍ଷ ଉପସ୍ଥିତିରେ ଶେଷକୃତ ସମ୍ପନ୍ନ କରିଥିଲେ। ତାଙ୍କର ଅସ୍ଥିକଳସକୁ ସଂରକ୍ଷିତ ରଖିଛନ୍ତି ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ମାନେ। ଟିମ୍ ଶ୍ମଶାନ ବନ୍ଧୁର ଏତାଦୃଶ ମାନବିକ କାର୍ଯ୍ୟକୁ ବୃଦ୍ଧାଶ୍ରମ କର୍ତ୍ତୃପକ୍ଷ ତଥା ସମସ୍ତ ଅନ୍ତେବାସୀ ପ୍ରଶଂସା କରିବା ସହିତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି।

# ପୁରାତନ ଛାତ୍ରୀଛାତ୍ରଙ୍କ ସମାବେଶ

**ଲହୁଣୀପଡ଼ା,୨୮।୧୦(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଶଶୀ ଭୂଷଣ ମାହାନ୍ତ, ସମ୍ମାନିତ ଅତିଥିଭାବେ ଅନିଲ ମାହାନ୍ତ ଯୋଗଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦୀକ୍ଷିତ ଅଧ୍ୟକ୍ଷତା କରିଥିଲେ। ଯମୁନା ମାହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ସୁଷମା ମାହାନ୍ତ ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ପରମ୍ପରା ଅନୁଯାୟୀ ଛାତ୍ରୀଛାତ୍ର ପୁରାତନ ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ ତଥା ଏହି ବିଦ୍ୟା ମନ୍ଦିରରୁ ଉଚ୍ଚ ଶିକ୍ଷା ପାଇଁ ଯେଉଁ ଛାତ୍ରୀଛାତ୍ର ଅନ୍ୟତ୍ର ଯାଇଛନ୍ତି ସେଠାରେ ମଧ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷା, ସଂସ୍କୃତି, ସଂସ୍କାରକୁ ବଜାୟୀ ରଖିବା ଉଚିତ। ଯାହାକି କି ଆମ ଭାରତୀୟ ଓ ଉତ୍କଳୀୟ ସଂସ୍କୃତି ସଂସ୍କାର ପରମ୍ପରା ଚିରଞ୍ଜିବି ହୋଇ ରହିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଜାନୁୟାରୀ ୨୩ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ପୂର୍ବତନ ଛାତ୍ର ଦିବସ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଏକ ପୁରାତନ ଛାତ୍ର ପରିଷଦ ଗଠନ କରା ଯାଇଥିଲା। ଏଥିରେ ସଭାପତି ଭାବେ ବାଦଲ ସାହୁ, ଉପ ସଭାପତି ରୋଜାଲିନୀ ମାହାନ୍ତ, ସମ୍ପାଦକ ସିନୟ କୁମାର ତନ୍ତି, ସୁଧାକର ଧଳ ଏବଂ କୋଷାଧ୍ୟକ୍ଷ ଭାବେ ଅଭିଜିତ ସାହୁଙ୍କୁ ମନୋନୀତ କରାଯାଇଥିଲା। ଜ୍ୟୋତି ଜୟସ୍ୱାଲ,ଦନର ଜିତ ମାହାନ୍ତ, ଅପର୍ଣ୍ଣା ସ୍ୱାଇଁ, ଅଙ୍କିତା ବ୍ରହ୍ମ, ଜ୍ୟୋର୍ତିମୟ ମାହାନ୍ତ, ଅନୁପ ଜୟସ୍ୱାଲଙ୍କ ସମେତ ଗୁରୁମା ଗୁରୁଜୀ ସମାବେଶରେ ସହଯୋଗ କରିଥିଲେ। ଶେଷରେ ଯଶୋବନ୍ତ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ସରିଲା ମା'ଙ୍କ ଭସାଣି



**ଲହୁଣୀପଡ଼ା,୨୮।୧୦(ଦାଶରଥି ପଣ୍ଡା)**

ଲହୁଣୀପଡ଼ା ବସ୍‌ଷ୍ଟାଣ୍ଡରେ ହୋଇଥିବା ଦୁର୍ଗାପୂଜା ଭସାଣି ଶୁକ୍ରବାର ସରିଛି। ବାଦ୍ୟ ନୃତ୍ୟର ତାଳେ ତାଳେ ମା'ଙ୍କୁ ଲହୁଣୀପଡ଼ା ଓ ରାଜାମୁଣ୍ଡା ସହର ପରିକ୍ରମା କରିବା ପରେ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଥିଲା। ପ୍ରମୋଦ ସା, ଗଣେଶ ଚୌଧୁରୀ, ମୁକେଶ ରାୟ, ରଞ୍ଜିତ ଜୟସ୍ୱାଲ, ରାଜ କୁମାର ସା, ମୁନା ସା, ରାକେଶ ସା, ଅରୁଣ ସିଂ, ଅମିତ ରାୟ, ରମେଶ ପାଶ୍ୱାନ, ବୁଲା ମାହାନ୍ତ, ବିଟୁ ସା, ଅରୁଣ ସିଂ ପ୍ରମୁଖଙ୍କ ସମେତ ଦୁର୍ଗା ପୂଜା କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଏହି ଦୁର୍ଗାପୂଜା ଓ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ଅଙ୍ଗନୱାଡି ଛାତରୁ ଖସିଲା ସିମେଣ୍ଟ ପ୍ଲାଷ୍ଟର

**ଲହୁଣୀପଡ଼ା,୨୮।୧୦(ଦାଶରଥି ପଣ୍ଡା)**

### ବର୍ତ୍ତିଲେ ଛାତ୍ରୀଛାତ୍ର

ଲହୁଣୀପଡ଼ା ବ୍ଲକ ଗମ୍ଭାରଡିହି ସ୍ଥିତ ଅଙ୍ଗନୱାଡି କେନ୍ଦ୍ରର ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସି ପଡ଼ିଛି। ଏକ ବଡ଼ ଧରଣର ବିପଦରୁ କୋମଳମତି ଛାତ୍ରୀଛାତ୍ର ବର୍ତ୍ତି ଯାଇଛନ୍ତି। ହେଲେ ପ୍ଲାଷ୍ଟର ଖସି ଅନେକ ଜିନିଷପତ୍ର ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ଗମ୍ଭାରଡ଼ିହି ଅଙ୍ଗନୱାଡି କେନ୍ଦ୍ର ଅନେକ ବର୍ଷର ପୁରୁଣା। ଗୋଟିଏ ଶ୍ରେଣୀ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଅନ୍ୟ ଶ୍ରେଣୀ ଗୃହରେ ପାଠପଢା ଚାଲିଥିଲା। ଗମ୍ଭାରଡ଼ିହି ଅଙ୍ଗନୱାଡି କେନ୍ଦ୍ରକୁ ନିର୍ମାଣ କରିବା ପାଇଁ ସର୍ଭେ କରିବାରୁ ଗୃହର ଅବସ୍ଥା ସୁରକ୍ଷିତ



ଅଙ୍ଗନୱାଡି କେନ୍ଦ୍ରର ଛାତରୁ ଖସି ଥିବା ପ୍ଲାଷ୍ଟର।

ନୁହେଁ ବୋଲି ଜଣାପଡିବା ପରେ ବାଲ ମଡେଲ ନିର୍ମାଣକୁ ବନ୍ଦ କରିଦେଇଥିଲେ। ଦଶହରା ଛୁଟି ଥିବାରୁ କେନ୍ଦ୍ର ବନ୍ଦ ଥିଲା। ବୁଧବାର ସକାଳୁ ଅଙ୍ଗନୱାଡି କର୍ମୀ ଓ ସହକର୍ମୀ ତାଲା ଖୋଲି ଦେଖିଥିଲେ ଛାତରୁ ସିମେଣ୍ଟ ଅତଡା ଖସିଛି। କେନ୍ଦ୍ର ଭିତରେ ଥିବା ଏକ ଟେବୁଲ ସମେତ ଅନ୍ୟାନ୍ୟ ଜିନିଷ ପତ୍ର ଭାଙ୍ଗି ନଷ୍ଟ ହୋଇ ଯାଇଛି। ଘଟଣା ସମ୍ପର୍କରେ ସ୍ଥାନୀୟ ଶିଶୁ ବିକାଶ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ। ବର୍ତ୍ତମାନ ଅଙ୍ଗନୱାଡି ପରିସରରେ ଥିବା ମମତା ଗୃହରେ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

# ଏକତା ରଖିଲେ ହକ୍ ଜାହିର କରିପାରିବେ

ବଲାଙ୍ଗୀର,୨୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ସମାଜରେ ଜାତିପ୍ରଥା ଆରମ୍ଭ ହୋଇଥିଲା ନିଜ ଭିତରେ ଏକତା ରଖିବା ପାଇଁ, ଅଞ୍ଚଳର ବିକାଶ କରିବା ପାଇଁ। ଏହି କଥାକୁ ଆମେ ଭୁଲିବା ଉଚିତ ନୁହେଁ । ଯଦି ଆମ ଭିତରେ ଏକତା ଥିବ କୌଣସି ଶକ୍ତି ଆମକୁ ଅବହେଳା କରିପାରିବେ ନାହିଁ । ତେଣୁ କୁଲୁତା ସମାଜ ଭିତରେ ଥିବା ଏକତାକୁ ଆପଣମାନେ ବଳବତ୍ତର ରଖନ୍ତୁ। ନଚେତ ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରରେ ଯେପରି ସରକାର ଚାଲିଛି ସେମାନେ ଆପଣମାନଙ୍କୁ କ୍ରମାଗତ ଭାବରେ ଅବହେଳା କରିଚାଲିଥିବେ। ଶନିବାର ବଲାଙ୍ଗୀର ସଦର ବ୍ଲକ ସ୍ଥିତ ହର୍ଡାଟାଲଠାରେ କୁଲୁତା ସମାଜର ଶାରଦୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କହିଛନ୍ତି। ହର୍ଡାଟାଲ ସ୍ଥିତ ରାମଚଣ୍ଡି ମନ୍ଦିର ପରିସରରେ କୁଲତା ଜାତି ସଭାପତି ଇଂ. ବେଲାରସିଂ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ଆପଣମାନେ ଓବିସି ବର୍ଗରେ ଅର୍ନ୍ତଭୁକ୍ତ । ସମଗ୍ର ଜନସଂଖ୍ୟାରୁ ଆପଣମାନେ ୫୬ ପ୍ରତିଶତ ଅଛନ୍ତି। କିନ୍ତୁ କେନ୍ଦ୍ର ହେଉ କି ରାଜ୍ୟ ସରକାର ଆପଣମାନଙ୍କୁ କୌଣସି ପ୍ରକାର ସୁବିଧା ସୁଯୋଗ ଦେଉନାହାନ୍ତି। ଆପଣଙ୍କ ପାଇଁ ଥିବା କୋଟାକୁ ଉଭୟ ସରକାର ସମ୍ପୂର୍ଣ୍ଣ ଭାବେ ଉଠାଇ ଦେଇଛନ୍ତି । ସେମାନେ ବାହାନା କରୁଛନ୍ତି ଯେ, ସେମାନଙ୍କ ପାଖରେ ଓବିସିଙ୍କ ସଂଖ୍ୟାକୁ ନେଇ ପ୍ରକୃତ ତଥ୍ୟ ନାହିଁ । ତେଣୁ ଆମମାନଙ୍କୁ ଲଢେଇ କରିବାକୁ ହେବ। ଆମ ଭିତରେ ସାମାଜିକ, ଅର୍ଥନୈତିକ ସ୍ତରରେ ଅନେକ ଅନଗ୍ରସର ଲୋକ ଅଛନ୍ତି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବାକୁ ହେଲେ ସରକାରୀସ୍ତରରେ ଥିବା ସୁବିଧା ସୁଯୋଗ ପୁଣି ଫେରାଇ ଆଣିବାକୁ ହେବ। ତେଣୁ ଆପଣମାନେ ନିଜ ଭିତରେ ଏକତା ରଖନ୍ତୁ ଏବଂ ଯେତେ ଶୀଘ୍ର ହେବ ଜାତିଭିତ୍ତିକ ଜନଗଣନା କରିବାକୁ ଦାବି କରନ୍ତୁ। ଏହି ଦାବିକୁ ଆଗାମୀ ବିଧାନସଭାରେ ନିଶ୍ଚିତ ଭାବରେ ଉପସ୍ଥାପନ କରିବେ ବୋଲି ସେ କହିଥିଲେ। ଉପସ୍ଥିତ ମହିଳାମାନଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ ଯେ ସଂସଦରେ ଆସିଥିବା ମହିଳା ବିଲକୁ ନେଇ କେନ୍ଦ୍ର ସରକାର ଲୋକଙ୍କୁ ଭୁଆଁ ବୁଲାଉଛି, କାରଣ ଏହା ୨୦୨୪ରେ ମହିଳା ସଂରକ୍ଷଣ ହେବା ତ ଦୂରର କଥା ଆହୁରି ୧୫ ବର୍ଷ ପର୍ଯ୍ୟନ୍ତ ବି ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ସେ କହିଥିଲେ।

ନାରୀ ନିର୍ଯାତନାକୁ ନେଇ ବିଧାୟକ ମିଶ୍ର ଉଭୟ କେନ୍ଦ୍ର ଓ ରାଜ୍ୟକୁ ତୀବ୍ର ସମାଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ପଶ୍ଚିମ ଓଡ଼ିଶା ପ୍ରତି ଥିବା ବୈମାତୃକ ମନୋଭାବ ଧିରୋଧରେ ଲୋକେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ସେ କହିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ ସରକାର ରାଜ୍ୟରେ ଥିଲେ ହେଁ ପଶ୍ଚିମ ଓଡ଼ିଶା ତଥା ବଲାଙ୍ଗୀରର ମୁଖ୍ୟ ଦାବି ହାଇକୋର୍ଟ ସ୍ଥାୟୀ ବେଞ୍ଚ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ଏ ଅଞ୍ଚଳରେ ସ୍ଥାପନ କରିବା ପାଇଁ ସରକାରଙ୍କ କାଣିଚିଏ ଇଚ୍ଛା ନାହିଁ । ଏହା ବିରୋଧରେ ପଶ୍ଚିମ ଓଡ଼ିଶା ତଥା ବଲାଙ୍ଗୀରବାସୀ ନିର୍ଣ୍ଣାୟକ ଲଢେଇରେ ଅବତୀର୍ଣ୍ଣ ହେବାକୁ ପ୍ରସ୍ତୁତ ହୁଅନ୍ତୁ ବୋଲି ସେ ଆହ୍ୱାନ ଜଣାଇଥିଲେ। ଶାରଦୀୟ ଉତ୍ସବ ପୂର୍ବରୁ ବିଧାୟକ ମିଶ୍ର ଦେବୀ ରାମଚଣ୍ଡିଙ୍କ ଆଶୀର୍ବାଦ ଗ୍ରହଣ କରିବା ସହ ମନ୍ଦିରର ରୋଷେଇ ଗୃହ ଏବଂ ଏକ ମଣ୍ଡପର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ କୁଲୁତା ସମାଜର ବରିଷ୍ଠ ଶିକ୍ଷକ ଦ୍ୱାଦଶ ପ୍ରଧାନଙ୍କୁ ମୁଖ୍ୟଅତିଥି ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋସ୍ନାମୟୀ ପ୍ରଧାନ, ଉମେଶ ଗଡତ୍ୟା, ପ୍ରେମାନନ୍ଦ ପ୍ରଧାନ, ନିରଞ୍ଜନ ଗଡତ୍ୟା, ବିଦେଶୀ ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ, ସରପଞ୍ଚ ଶ୍ରୀୟା ସାହୁ, ସଞ୍ଜୟ ଗଡତ୍ୟା, ଜୟସିଂ ପ୍ରଧାନ, ମଧୁସୂଦନ ନାଏକ, ଯତି ପ୍ରଧାନ, ଲୋଚନ ବିଶ୍ୱାଳ ମଞ୍ଚାସୀନ ଥିଲେ। ସଭାରେ କୁଲତା ଜାତିର ସହସ୍ରାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।



ବିଧାୟକ ନରସିଂହ ମିଶ୍ର କୁଲତା ଜାତି ଶାରଦୀୟ ଉତ୍ସବରେ ବକ୍ତବ୍ୟ ରଖୁଛନ୍ତି।

**ହର୍ଡାଟାଲରେ କୁଲୁତା ସମାଜର ଶାରଦୀୟ ଉତ୍ସବ**

## ସଂକ୍ଷେପରେ

### ଧାନ ଫସଲରେ ଚକଡ଼ା ରୋଗ ପ୍ରାଦୁର୍ଭାବ

ଲୋଇସିଂହା,୨୮।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମ ଅଞ୍ଚଳରେ ଧାନ ଫସଲରେ ଚକଡ଼ା ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ବ୍ଲକ କୃଷି ବିଭାଗର ସ୍ଥାଣୁତାକୁ ନେଇ ଏହି ରୋଗ ବ୍ୟାପୁଥିବାରୁ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ଚଳିତ ବର୍ଷ ବିଳମ୍ବିତ ଚାଷ ହୋଇଥିଲେ ସୁଦ୍ଧା ଭଲ ଫସଲ ହୋଇଛି। ଅମଳ ବେଳକୁ ଧାନ ଫସଲରେ ଚକଡା ରୋଗ ପ୍ରାଦୃର୍ଭାବ ଦେଖାଦେଇଛି। ବାଦିବାହାଲ ଗ୍ରାମର ଚାଷୀ ସୁନୀଲ ଦାସ ଏବଂ ତପି ଭୋଇଙ୍କ ସମେତ ବହୁ ଚାଷୀଙ୍କ ଖେତରେ ଚକଡା ବ୍ୟାପି ଚାଲିଛି। ଚାଷୀମାନେ ନିଜ ଉଦ୍ୟମରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରୁଥିଲେ ସୁଦ୍ଧା ପର୍ଯ୍ୟାପ୍ତ ହେଉନାହିଁ। ଏଭଳି ପରିସ୍ଥିତି ବ୍ଲକ କୃଷି ବିଭାଗର ଦେଖା ମିଳୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବ୍ଲକ କୃଷି ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

### ଖଡ଼ିଆଳ ତହସିଲରେ ନୂତନ ତହସିଲଦାରଙ୍କ ଯୋଗଦାନ

ଖଡ଼ିଆଳ,୨୮।୧୦(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାରଭାବେ ଶନିବାର କାର୍ଯ୍ୟରେ ଯୋଗଦେଇଛନ୍ତି ଡକ୍ଟର ଲଳିତ ବାଗ। ତହସିଲ ଅଫିସର



କର୍ମଚାରୀମାନେ ତାଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇଥିଲେ। ରାଜସ୍ୱ ପ୍ରଶାସନକୁ ଅଧିକ ତତ୍ପର କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏହା ପୂର୍ବରୁ ସେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ତହସିଲରେ ତହସିଲଦାର ଭାବରେ କାର୍ଯ୍ୟ କରୁଥିଲେ।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ଖଡ଼ିଆଳ,୨୮।୧୦(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ୱାଡ଼ ନଂ ୧୨ ନିବାସୀ ଆଦର୍ଶ ଶିକ୍ଷକ ବୀରଭଦ୍ର ପଣ୍ଡାଙ୍କ ଶନିବାର ବୈଦେହି ନଗରସ୍ଥିତ



ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ବର୍ଷ ହୋଇଥିଲା। ଖଡିଆଳ ଉତ୍କଳ ବନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ସେ ଅବସର ନେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ପୁଅ ପରେଶ ପଣ୍ଡା ମୁଖାଗ୍ନି ଦେଇଥିଲେ।

## ପୋଖରୀରେ ବୁଡି ବୁଲାବିକାଳିଙ୍କ ମୃତ୍ୟୁ

ଟିଟିଲାଗଡ଼, ୨୮।୧୦(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ପଦ୍ମନାଭପୁର ପଡାର ଜଣେ ବୁଲା ବିକାଳିଙ୍କର ଶନିବାର ପାଣିରେ ବୁଡି ମୃତ୍ୟୁ ଘଟିଛି। ମୃତକ ହେଲେ ନରୋତ୍ତମ ନାୟକ (୬୫)। ମଧ୍ୟାହ୍ନରେ ସ୍ଥାନୀୟ ମୁଡାବନ୍ଧରେ ଗାଧୋଉଥିବା ବେଳେ ସେ ପାଣିରେ ବୁଡି ଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର ପତ୍ତା ମିଳି ନ ଥିଲା। ତେବେ ପୋଖରୀ ନିକଟରେ ତାଙ୍କର ଟିଣପେଟି, ପୋଷାକ, ଚପଲ ଦେଖି ପରିବାର ଲୋକେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଖରୀ ପାଖରେ ଲାଗିଥିବା ଏକ ବ୍ୟବସାୟିକ ପ୍ରତିଷ୍ଠାନର ସିସିଟିଭି କ୍ୟାମେରା ଯାଞ୍ଚ ପରେ ନରୋତ୍ତମ ମୁଡବନ୍ଧକୁ ଯାଇଥିବା ଜଣାପଡିଥିଲା। ପୋଲିସଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପୋଖରୀରେ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଟିଟିଲାଗଡ଼ ଡାକ୍ତରଖାନା ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ପେଟପାଟଣା ପାଇଁ ପ୍ରସାଧନ ସାମାଗ୍ରୀ କାନ୍ଧରେ ବୋହି ନରୋତ୍ତମ ସହରର ବିଭିନ୍ନ ସାହିରେ ବୁଲି ବିକ୍ରି କରୁଥିଲେ। ଉକ୍ତ ଗରିବ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି।

# ଭୋଟର ସଚେତନତା ନେଇ ପଥୋତ୍ସବ



ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଟିଟିଲାଗଡ଼, ୨୮।୧୦(ଶରତ ମିଶ୍ର)

ଭୋଟର ସଚେତନତା ନେଇ ଟିଟିଲାଗଡ଼ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଦୟାମୟ ପାଢ଼ିଙ୍କ ନେତୃତ୍ୱରେ ଶନିବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରୁ ସ୍ଥାନୀୟ ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡିଆଠାରୁ ଭୋଟର ସଚେତନତା ରଥ ସହ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ସରକାରୀ ଅଧିକାରୀ, କର୍ମଚାରୀ ତଥା ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପରେ ସ୍ଥାନୀୟ ଗୋପବନ୍ଧୁ ପାର୍କ ପରିସରରେ ଭୋଟର ସଚେତନତା ନେଇ ଉପଜିଲାପାଳ ପାଢ଼ିଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ୧୮ ବର୍ଷ ପୂରଣ ହେଉଥିବା କୌଣସି ଯୁବ ଭୋଟର ଯେପରି ଭୋଟର ତାଲିକାରୁ ବାଦ ନପଡନ୍ତି ସେଥିପାଇଁ ସଭିଏ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ଅବସରପ୍ରାପ୍ତ ପ୍ରଫେସର ଡ଼.ଦୋଳଗୋବିନ୍ଦ ବିଶି ମୁଖ୍ୟବକ୍ତାଭାବେ ଯୋଗଦେଇ ଗଣତନ୍ତ୍ରରେ ନାଗରିକ ଭାବେ ଭୋଟଦାନ ଆମର ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ଟିଟିଲାଗଡ଼ ବିଡ଼ିଓ ସୁଶାନ୍ତ ରଣା, ବଙ୍ଗୋମୁଣ୍ଡା ବିଡ଼ିଓ ବାସନ୍ତି ସେଠୀ, ତହସିଲଦାର ଜ୍ୟୋସ୍ନା ମାଝି, ସଇଁତଳା ତହସିଲଦାର ମାନସଫିଲ କେରକେଟା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଝୋଟି ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଭୋଟର ସଚେତନ ନେଇ ବାର୍ତ୍ତା, ମହିଳାଙ୍କ ଆତ୍ମରକ୍ଷା ନେଇ କରାଟେ କୌଶଳ ଆଦି ପ୍ରଦର୍ଶିତ ହୋଇଥିଲା। ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଦସ୍ତଖତ ଅଭିଯାନ ହୋଇଥିଲା। ଭୋଟର ସଚେତନ ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ଉପଜିଲାପାଳ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହାୟକ ଜିଲାପାଳ ଚନ୍ଦ୍ର ପ୍ରକାଶ ଦେହୁରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ଓଏସ୍‌ଡ଼ି କମଳାକାନ୍ତ ସାହୁ, ପୌର ସିଟି ମ୍ୟାନେଜର ବି.ଈଶ୍ୱର ରାଓ, ଶ୍ୟାମ ସେଠ, ରାଧାକାନ୍ତ ମହାନ୍ତି, ନରୋତ୍ତମ ସାହୁ, ପ୍ରେମ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ ଗଣମାଧ୍ୟମରେ ମହିଳାଙ୍କୁ ଅପମାନ, ଥାନାରେ ଏତଲା

ଲୋଇସିଂହା,୨୮।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡା ଦଳିତ ବସ୍ତିର ଜଣେ ମହିଳାଙ୍କ ବିରୋଧରେ ସେହି ସାହିର ଜଣେ ଯୁବକ ସାମାଜିକ ଗଣମାଧ୍ୟମରେ ଅପଶବ୍ଦ ବ୍ୟବହାର କରିଛନ୍ତି। ସମ୍ପୃକ୍ତ ମହିଳା ଏବଂ ତାଙ୍କ କଳାକାର ସ୍ୱାମୀଙ୍କ ମାନସମ୍ମାନ ଉପରେ ଏହା ଆଞ୍ଚ ଆଣିଥିବା ଅଭିଯୋଗ କରି ପୀଡିତା ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏତଲାକୁ ଗ୍ରହଣ କରି ଏକ ମାମଲା ରୁଜୁ କରିଛି । ନିଜ ସାମାଜିକ ଗଣମାଧ୍ୟମ ଆଇଡିରେ ସମ୍ପୃକ୍ତ ଯୁବକ ଜଣକ ପୋଷ୍ଟ କରିବା ପରେ ପୀଡିତା ଓ ତାଙ୍କ ସ୍ୱାମୀ ଏହାକୁ ହଟାଇ ଦେବାକୁ ଅନୁରୋଧ କରିଥିଲେ। ହେଲେ ସମ୍ପୃକ୍ତ ଯୁବକ ଜଣକ ଓଲଟି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ନେଇ ପୀଡିତା ଏତାଲାରେ ଦର୍ଶାଇଛନ୍ତି।

## ବିଦେଶୀ ମଦ ଜବତ, ୨ ଢାବା ମାଲିକ ଗିରଫ

ଲୋଇସିଂହା,୨୮।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଗ୍ରାମର ୨ଟି ଢାବାରେ ଲୋଇସିଂହା ପୋଲିସ ଶୁକ୍ରବାର ସନ୍ଧ୍ୟାରେ ଚଢାଉ କରିଥିଲା । ଉଭୟ ସ୍ଥାନରୁ ୧୨ଟି ବିୟର ବୋତଲ ଓ ୧୫ଟି କେନ ଜବତ ହୋଇଛି । ଏହି ଘଟଣାରେ ଦୁଇଜଣ ଢାବା ମାଲିକ ବିଜୟ କୁମାର ସାହୁ ଓ ସହଦେବ ସାଙ୍କୁ ଗିରଫ କରାଯାଇଥିଲା। ତେବେ କମ୍ ପରିମାଣର ମଦ ମିଳିଥିବାରୁ ସେମାନଙ୍କୁ ୪୧ସେକ୍ସନରେ ଛାଡି ଦିଆଯାଇଥିଲା। ଏ ନେଇ ୨ଟି ପୃଥକ ମାମଲା ରୁଜୁ କରାଯାଇଛି ବୋଲି ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି। ପୋଲିସ ସୂଚନା ମତେ, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଆଇଆଇସି ନାୟକଙ୍କ ନେତୃତ୍ୱରେ ଥାନା ଷ୍ଟାପ ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଆଗରେ ଥିବା ସାହୁ ଢାବାରେ ଚଢାଉ କରାଯାଇଥିଲା। ସେଠାରୁ ୬ ବିୟର ବୋତଲ ଓ ୮ଟି କେନ ଜବତ କରିବା ସହ ମାଲିକ ସାହୁଙ୍କୁ ଗିରଫ କରାଯାଇଥିଲା। ସେହିପରି ବୁର୍ଡାଛକରେ ଥିବା ସରପଞ୍ଚ ଢାବାରେ ଚଢାଉ ହୋଇଥିଲା। ସେଠାରେ ମଦ ନମିଳିବାରୁ ଘରେ ଚଢାଉ କରି ୬ ବିୟର ବୋତଲ ଓ ୭ଟି କେନ ପୋଲିସକୁ ମିଳିଥିଲା। ଢାବା ମାଲିକ ସାଙ୍କୁ ଗିରଫ କରାଯାଇଥିଲା। ଅପରପକ୍ଷେ କଫସିରପ କାରବାରରେ ବଲାଙ୍ଗୀର ପୋଲିସ ବିଜୟ ସାହୁଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିବା ଆଇଆଇସି ନାୟକ କହିଛନ୍ତି।

## ଦନ୍ତାହାତୀ ଘଉଡ଼ାଇବାକୁ ବନ ବିଭାଗ ନାକେଦମ

ଲୋଇସିଂହା,୨୮।୧୦(ସୁଶାନ୍ତ ବାରିକ)

ଏକାକୀ ବୁଲୁଥିବା ଏକ ଦନ୍ତାହାତୀ ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ପୁଡାପଦରର ବୃଦ୍ଧ ବଳରାମ ହୋତାଙ୍କୁ ଶୁକ୍ରବାର ଆକ୍ରମଣ କରି ମାରି ଦେବା ପରେ ସୀମାନ୍ତ ଲୋଇସିଂହା ବନାଞ୍ଚଳକୁ ସନ୍ଧ୍ୟାରେ ପଶି ଆସିଥିଲା। ଏହାକୁ ନେଇ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ହାତୀକୁ ଘଉଡାଇବା ପାଇଁ ଲୋଇସିଂହା ବନ ବିଭାଗକୁ ଶନିବାର ଦିନତମାମ ନାକେଦମ ହେବାକୁ ପଡିଥିଲା। ସନ୍ଧ୍ୟାରେ ଧଉଁରାଦାଦର ଗାଁ ଦେଇ ରାମପୁର ବସ୍ତିକୁ ହାତୀ ପଶିବାକୁ ଉଦ୍ୟମ କରୁଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ଗାଁ ଭିତର ରାସ୍ତାରେ ହାତୀ ଆସୁଥିଲେ ମଧ୍ୟ କାହା ଘରଦ୍ୱାର ନଷ୍ଟ କରିନାହିଁ। ଶନିବାର ସକାଳେ ଗଣ୍ଡାପିଲି ବସ୍ତି ଦେଇ ହାତୀ ଲୋଇସିଂହା ଝାରମୁଣ୍ଡା-କକରକଟିଆ ରାସ୍ତାକୁ ଆସିଥିଲା। ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତର କରକଟିଆରୁ ଛାଏଚାପର ଦେଇ ଲରମ୍ବାମୁଣ୍ଡା ଜଙ୍ଗଲକୁ ଚାଲି ଯାଇଥିଲା। ସନ୍ଧ୍ୟାରେ ବେନ୍ଦ୍ରା ପଞ୍ଚାୟତର ଧଉଁରାଦାଦର ରାମପୁର ବସ୍ତି ଦେଇ ବଲାଙ୍ଗୀର--ବରଗଡ ୨୬ ନଂ ଜାତୀୟ ରାଜପଥକୁ ଆସିଥିଲା। ପରେ ରାଜପଥ ଦେଇ ସାଲେଭଟା ପଟକୁ ଯାଇଥିବା ସ୍ଥାନୀୟ ଲୋକଙ୍କଠାରୁ ପ୍ରକାଶ। ହାତୀଟି ଥକି ପଡି ଚାଲି ପାରୁ ନ ଥିବା ଗ୍ରାମବାସୀ କହିଛନ୍ତି।



ବସ୍ତି ମଧ୍ୟଦେଇ ଯାଉଥିବା ଦନ୍ତାହାତୀ।

## ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା



ସଇଁତଳା ବ୍ଲକ ଛକ ଗଜଲକ୍ଷ୍ମୀ ପୂଜା ପାଇଁ ବାହାରି ଥିବା କଳସ ଶୋଭାଯାତ୍ରା।

ସଇଁତଳା,୨୮।୧୦(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଛକରେ ଗଜଲକ୍ଷ୍ମୀ ପୂଜା ଶନିବାର ସକାଳେ ଆରମ୍ଭ ହୋଇଛି। ସକାଳ ୮ଟାରେ ବ୍ଲକ ଓ ଛକୋରବାଞ୍ଜି ଅଞ୍ଚଳର ଶତାଧିକ ମହିଳାପୁରୁଷ ସଙ୍କୀର୍ତ୍ତନ୍ୟ ମଣ୍ଡଳୀ ସହ ମା'ଙ୍କ ମଣ୍ଡପରୁ କଳସ ଶୋଭାଯାତ୍ରାରେ ବାହାରିଥିଲେ। ବ୍ଲକ ବନ୍ଧରେ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ ଜଳକଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତାଭାବେ ତପନ କୁମାର ଦାଶ ସପତ୍ନିକ ଦାୟିତ୍ୱ ତୁଲାଉଛନ୍ତି। ଷୋହଳ ପ୍ରହର କର୍ତ୍ତା ଭାବେ ରାଜ କିଶୋର ସାହୁ ସପତ୍ନୀକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଶନିବାର ଅପରାହ୍ନ ୪ଟାରୁ ଗ୍ରହଣ ଲାଗୁଥିବାରୁ ୩ଟା ମଧ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ୨୯ ତାରିଖ ସଂକୀର୍ତ୍ତନ୍ୟ, ୩୦ରୁ ୧ ତାରିଖ ପର୍ଯ୍ୟନ୍ତ ପ୍ରହରୀ କାର୍ଯ୍ୟକ୍ରମ ରଖାଯାଇଛି। ବୁଧବାର ମା'ଙ୍କ ବିସର୍ଜନ କାର୍ଯ୍ୟକ୍ରମ ସମାପନ ହେବ ବୋଲି କମିଟି ସଭାପତି ପରମେଶ୍ୱର କର୍ମୀଙ୍କ ସୂତ୍ରରୁ ପ୍ରକାଶ। ସେହିପରି କରମତଲା ପଞ୍ଚାୟତ ଛନଛଡ଼ା ଗ୍ରାମରେ ପୂଜନୋତ୍ସବ ଆରମ୍ଭ ହୋଇଯାଇଛି। ଦଶରଥ ମହାକୁର ଓ ଶୈଳ ମହାକୁର କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ସୁବ୍ରତ ବେହେରା କହିଛନ୍ତି।

# ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତିକୁ ଗୁରୁତ୍ୱ

ଟିଟିଲାଗଡ,୨୮।୧୦(ଶରତ ମିଶ୍ର)

**ଚିଠା ଭୋଟର ତାଲିକା ପ୍ରକାଶ ନେଇ ସର୍ବଦଳୀୟ ବୈଠକ**

ଟିଟିଲାଗଡ଼ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚିଠା ଭୋଟର ତାଲିକା ପ୍ରକାଶ ତଥା ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଦୟାମୟ ପାଢ଼ି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଗଣ ଉପସ୍ଥିତ ଥିଲେ। ଉପଜିଲାପାଳ କହିଥିଲେ ଯେ, ୪ଟି ଯୋଗ୍ୟତା ସୂଚକ ତାରିଖ ଯଥା ଜାନୁଆରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ବେଳକୁ ଯେଉଁମାନଙ୍କ ବୟସ ୧୮ବର୍ଷ ହୋଇଥିବ ସେମାନେ ପରବର୍ତ୍ତୀ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ନିଜ ନାମ ପଞ୍ଜୀକରଣ କରିପାରିବେ। ୧୮ରୁ ୧୯ ବର୍ଷ ହୋଇଥିବା ନୂତନ ଭୋଟରଙ୍କୁ ତାଲିକାରେ ସାମିଲ କରିବା ପାଇଁ ପ୍ରତ୍ୟେକ ବୁଥରେ ଅଙ୍ଗନୱାଡି କର୍ମୀ କିମ୍ବା ଶିକ୍ଷକ ଜଣେ ଜଣେ ବୁଥସ୍ତରୀୟ ଅଧିକାରୀଭାବେ ଭୋଟର ତାଲିକାର ସଂଶୋଧନ କାର୍ଯ୍ୟ କରିବା ଦିଗରେ ଯତ୍ନବାନ ହେବେ। କୌଣସି ଯୋଗ୍ୟ ମତଦାତା ଯେପରି ବାଦ୍ ନ ପଡନ୍ତି ସେଥିନିମନ୍ତେ ସତନ୍ତ ଭାବେ ଦୃଷ୍ଟି ଦିଆଯିବ। ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଯୋଗ୍ୟତା ପ୍ରମାଣିତ ତା୧।୧୦।୨୦୨୩ରିଖ ରଖାଯାଇଛି। ଭୋଟର ତାଲିକାରେ ଭିନ୍ନକ୍ଷମ ନୂତନ ଭୋଟରଙ୍କୁ ଅନ୍ତର୍ଭୁକ୍ତ, ସମସ୍ତ ଯୋଗ୍ୟ ଯୁବ ଭୋଟରଙ୍କୁ ସାମିଲ କରିବା, ସଠିକ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କୁ ବାଦ ଦେବାରେ ସହଯୋଗ କରିବା ପାଇଁ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ପାଢି ଅନୁରୋଧ କରିଥିଲେ। ସେହି ଭଳି ଭାବେ ଭୋଟର ତାଲିକାରେ ନୂତନ ଭାବେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଫର୍ମ-୬, ଭୋଟର ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ ନିମନ୍ତେ ଫର୍ମ-୬(ଖ), ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ନାମକୁ ବାଦ ଦେବା ପାଇଁ ଫର୍ମ-୭, ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ବିବରଣୀ ସଂଶୋଧନ, ସ୍ଥାନ ପରିବର୍ତ୍ତନ ନିମନ୍ତେ ଫର୍ମ-୮ ରେ ମତଦାତା ମାନେ ଆବେଦନ କରିପାରିବେ ବୋଲି ଉପଜିଲାପାଳ ସୂଚନା ପ୍ରଦାନ କରିଥିଲେ। ଏହା ବ୍ୟତୀତ ମୋବାଇଲ ବ୍ୟବହାର କରି ଭୋଟର ଆପ ଦାରା ସେମାନଙ୍କ ଭୋଟର ତାଲିକାରେ ନିଜ ସବିଶେଷ ବିବରଣୀ ଜାଣି ପାରିବେ ବୋଲି ସେ କହିଥିଲେ। ଚିଠା ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ପରେ ୫ ଜାନୁୟାରୀ ୨୦୨୪ରେ ଚୁଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଉକ୍ତ ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ୨୭ ଅକ୍ଟୋବର,୨୦୨୩ ରୁ ୯ ଡିସେମ୍ବର,୨୦୨୩ ମଧ୍ୟରେ ଭୋଟରମାନେ ସେମାନଙ୍କର ଆପତ୍ତି ଅଭିଯୋଗ ଉପଜିଲାପାଳ ଟିଟିଲାଗଡ ତଥା ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିକୁ ଆଣ ପାରିବେ। ସର୍ବଦଳୀୟ ବୈଠକରେ ରାଜୀବ କୁମାର ପୃଷ୍ଟି, ମୁକେଶ ଜୈନ, ପ୍ରଶାନ୍ତ କୁମାର ଷଡଙ୍ଗୀ, ଆଲୋକ ନାୟକ, ଘେନୁ ଆଡ଼ୟୁଆଡ, ସୁରଥ ବେହେରା, ସୁବାସ ଆଡବୋୟ, ଗଜପତି କାଲସେ, ଚନ୍ଦ୍ର ପ୍ରସାଦ ଦେହୁରି, ସହକାରୀ ଜିଲାପାଳ ରାଜେନ୍ଦ୍ର କୁମାର ମାଝି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଟିଟିଲାଗଡ ତଥା ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଳଙ୍କାର, ଟଙ୍କା ଚୋରି

**ଭେଡ଼େନ,୨୮।୧୦(ସୁଦନ ମହାକୁର):** ବରଗଡ଼ ଜିଲା ଭେଡ଼େନ ଥାନା ଅଧୀନ ପପଙ୍ଗା କଲୋନୀ ଛକରୁ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଚୋରି ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, ପପଙ୍ଗା କଲୋନୀରେ ରହୁଥିବା କପଡ଼ା ବ୍ୟବସାୟୀ ରମେଶ ମେହେରଙ୍କ ପରିବାର ଶୁକ୍ରବାର ନିଜ ସମ୍ପର୍କୀୟ ଘରକୁ ଯାଇଥିଲେ। ପରଦିନ ସକାଳୁ ତାଙ୍କ ମୁଖ୍ୟ ଗେଟ୍ ତାଲା ଭଙ୍ଗା ଯାଇଥିବା ଦେଖି ପାଖରେ ରହୁଥିବା ତାଙ୍କ ବଡ଼ଭାଇ ଗୋବିନ୍ଦ ଖବର ଦେଇଥିଲେ। ରମେଶ ଆସି ତାଙ୍କର ଗୋଟିଏ କୋଠରିରେ ଥିବା ଆଲମାରୀ ଲକର ଭଙ୍ଗାଯାଇଥିଲା ଏବଂ ସେଥିରୁ ନଗଦ ୬୦ ହଜାର ଏବଂ ୧୨ ଭରି ସୁନା ଅଳଙ୍କାର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ପରେ ସେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

### ବରଗଡ଼ରେ ଅନୁଭବଙ୍କ କୁଶ ପୁତ୍ତଳିକା ଦାହ



**ବରଗଡ଼, ୨୮।୧୦(ପ୍ରେମାନନ୍ଦ ଖମାରୀ):** ଉତ୍କଳ ଫିଲ୍ମ ପ୍ରଯୋଜକ ସଂଘ ସିନେ ଅଭିନେତା ମନୋଜ ମିଶ୍ରଙ୍କୁ ୨ବର୍ଷ ବାସନ୍ଦ କରିବା ପ୍ରସଙ୍ଗକୁ ନେଇ ପଶ୍ଚିମ ଓଡ଼ିଶାରେ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି। ଏହି କ୍ରମରେ ସିନେମା ହଲ ଆଗରେ ଲାଗିଥିବା ଓଡ଼ିଆ ଚଳଚ୍ଚିତ୍ର ପୋଷ୍ଟରକୁ ଚିରି ବିରୋଧ ପ୍ରଦର୍ଶନ କରାଯାଇଥିବାବେଳେ ଶନିବାର ସନ୍ଧ୍ୟାରେ ବରଗଡ଼ ଗାନ୍ଧୀ ଛକରେ କୋଶଲ ସେନା ଏବଂ କୋଶଲ ମଜଦୁର ସଂଘ ପକ୍ଷରୁ ସିନେ ଅଭିନେତା ଅନୁଭବ ମହାନ୍ତିଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ମନୋଜଙ୍କୁ ବାସନ୍ଦ ନେଇ ଅନୁଭବ ଦେଇଥିବା ମନ୍ତବ୍ୟ ପ୍ରତିବାଦରେ ଉଭୟ ସଂଘ ବିରୋଧ ପ୍ରଦର୍ଶନ କରିଥିଲେ। କୋଶଲ ସେନାର ରମଣୀ ଦନ୍ତା, ଅଶୋକ ଛତର, ହେମନ୍ତ ମହାକୁଡ, ଅବିନାଶ ବିଶି, ସୁଦାମ ପାତ୍ର, କୋଶଲ ମଜଦୁର ସଂଘ ସଭାପତି ସୁଶାନ୍ତ ମେହେର, ରବି ସାଗର, ନିରନ ଛତର, ଅବିନାଶ ପ୍ରଧାନ, ବାବୁ ବିଶି, ଅମରେନ୍ଦ୍ର ଯାଦବ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ମହିଳା ଚାଷୀ କର୍ମଶାଳା ଉଦ୍‌ଯାପିତ

**ପଦ୍ମପୁର,୨୮।୧୦(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଥିବା ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପଠାରେ ଭିତ୍ତିଭୂମି ସେବା ସଙ୍ଗଠନ ଦୁଇଦିନିଆ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ବରଗଡ଼, ଗାଇସିଲେଟ ଓ ପଦମପୁର ବ୍ଲକର ଜୈବିକ ଚାଷୀ ଦଳ, ବିହନ ବ୍ୟାଙ୍କ ସହ ଚାଷୀ ଉତ୍ପାଦକ ଦଳରୁ ୨୦ ଜଣ ମହିଳା ଚାଷୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଙ୍ଗଠନର ନିର୍ଦ୍ଦେଶକ ସରୋଜ ମହାନ୍ତି ପ୍ରକଳ୍ପରେ ମହିଳାପୁରୁଷ ଚାଷୀଙ୍କ ଜୀବନୀ ସହ ସମାନତା ବିଷୟରେ କହିଥିଲେ। ସେହିପରି ଜୈବିକ ଚାଷ କାମରେ ମହିଳା ଓ ପୁରୁଷ ଭାଗିଦାରିତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଦାଶରଥି ବେହେରା, ବବୁଲୁ ବରଗ୍ତି, ସୁଖଦେବ ସ୍ୱାଇଁ, କୋମଳ ଲୋଚନ ଭୋଇ, ଉତ୍କଳେଶ୍ୱର, ରୋହିଣୀ ଧରୁଆ ସହଯୋଗ କରିଥିଲେ।

### ଧାନ ଫସଲରେ ଚକଡ଼ା ରୋଗପୋକ

**ଲୋଇସିଂହା,୨୮।୧୦(ସୁଶାନ୍ତ ବାରିକ) :** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମ ଅଞ୍ଚଳରେ ଧାନ ଫସଲରେ ଚକଡ଼ା ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ବ୍ଲକ କୃଷି ବିଭାଗର ସ୍ଥାଣୁତାକୁ ନେଇ ଏହି ରୋଗ ବ୍ୟାପୁଥିବାରୁ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ଚଳିତ ବର୍ଷ ବିଳମ୍ବିତ ଚାଷ ହୋଇଥିଲେ ସୁଦ୍ଧା ଭଲ ଫସଲ ହୋଇଛି। ଅମଳ ବେଳକୁ ଧାନ ଫସଲରେ ଚକଡା ରୋଗ ପ୍ରାଦୃର୍ଭାବ ଦେଖାଦେଇଛି। ବାଦିବାହାଲ ଗ୍ରାମର ଚାଷୀ ସୁନୀଲ ଦାସ ଏବଂ ତପି ଭୋଇଙ୍କ ସମେତ ବହୁ ଚାଷୀଙ୍କ ଖେତରେ ଚକଡା ବ୍ୟାପି ଚାଲିଛି। ଚାଷୀମାନେ ନିଜ ଉଦ୍ୟମରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରୁଥିଲେ ସୁଦ୍ଧା ପର୍ଯ୍ୟାପ୍ତ ହେଉନାହିଁ। ଏଭଳି ପରିସ୍ଥିତି ବ୍ଲକ କୃଷି ବିଭାଗର ଦେଖା ମିଳୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।



ବରଗଡ଼ ପଥ ଉତ୍ସବରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ପଥ ଉତ୍ସବରେ ଶୋଭାଯାତ୍ରା।

# ପଥ ଉତ୍ସବରେ ଭୋଟର ସଚେତନତା

**ବରଗଡ଼, ୨୮।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପ୍ରଶାସନ ଆନୁକୂଲ୍ୟରେ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୪ ପାଇଁ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ଭିଡିଓ ପ୍ରଦର୍ଶନ କରାଯାଇଥିଲା। ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍ ମିନା, ଡ. ତପସ୍ୱିନୀ ଗୁରୁ, କବି ମନୋରଞ୍ଜନ ସାହୁ, ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା, ଉପଜିଲାପାଳ କୁମାର ନାଗଭୂଷଣ ପ୍ରମୁଖ ମଞ୍ଚାସୀନ ଥିଲେ। ଶନିବାରଠାରୁ ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ ଆରମ୍ଭ ହୋଇଛି। ୨୦୨୪ ସୁଦ୍ଧା ଯେଉଁମାନଙ୍କୁ ୧୮ବର୍ଷ ହେଉଛି, ସେମାନେ ନିଜ ନାମ ଭୋଟର ତାଲିକାରେ ସଂଯୋଗ କରି ମତଦାନ ଅଧିକାର ସାବ୍ୟସ୍ତ କରନ୍ତୁ ବୋଲି ଜିଲାପାଳ ବାନାର୍ଜୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏତଦବ୍ୟତୀତ ନାମ କାଟିବା କିମ୍ବା ଭୁଲ ଥିଲେ ସଂଶୋଧନ କରିବା ମଧ୍ୟ ବୁଥ କାର୍ଯ୍ୟାଳୟକୁ ଯାଇ କରି ପାରିବେ। ଅନ୍‌ଲାଇନ ଭୋଟର ଆପ ମାଧ୍ୟମରେ ମଧ୍ୟ ଏହା କରାଯାଇପାରିବ। କୌଣସି ଭୋଟର ଯେପରି ଭୋଟ୍‌ଦାନରୁ ବଞ୍ଚିତ ନ ହୁଅନ୍ତି, ଏହାହିଁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଥିଲା। ପ୍ରାରମ୍ଭରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ମାନ୍ୟଗଣ୍ୟ ବ୍ୟକ୍ତି, ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଲେଙ୍ଗୁ ମିଶ୍ର ଷ୍ଟାଡିୟମରୁ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରି ନୂତନ ଭୋଟରଙ୍କୁ ସଚେତନ କରିଥିଲେ।

# ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ କୁମାରପୂର୍ଣ୍ଣିମା



କୁମାରପୂର୍ଣ୍ଣିମା ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଅମ୍ବାଭୋନା,୨୮।୧୦(ଛନ୍ଦା ଚରଣ ପ୍ରଧାନ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ବାବା ବିଶାଶହେ କୁଲତା ସମାଜ ତରଫରୁ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ କୁମାର ପୂର୍ଣ୍ଣିମା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ତଥା ଆବାହକ ହୃଷୀକେଶ ପଧାନଙ୍କ ନିମନ୍ତ୍ରଣକ୍ରମେ ଅମ୍ବାଭୋନା ବ୍ଲକର ବିଭିନ୍ନ ପ୍ରାନ୍ତରୁ କୁଲତା ସମାଜ ସଭ୍ୟମାନେ ଯୋଗଦାନ କରିଥିଲେ। ଏହି ପୂଜନୋତ୍ସବରେ ଆଡଭୋକେଟ ଶରଦ କୁମାର ପ୍ରଧାନ, ବ୍ଲକ ଚେୟାରମେନ କୀର୍ତ୍ତିଚନ୍ଦ୍ର ଦୁଆନ, ରୀତା ପ୍ରଧାନ ପ୍ରମୁଖ ଅମ୍ବାଭୋନା ବ୍ଲକ କୁଲତା ସମାଜ ସଙ୍ଗଠନ ବିଷୟରେ ଅଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସମ୍ମାନିତ ଶିକ୍ଷକ ବୈଷ୍ଣବ ଭୋଇ, ହେମନ୍ତ କୁମାର ପଧାନ, ସନ୍ତୋଷ ସାହୁ, ଶଙ୍କର ଖମାରୀ, ଗୌରାଙ୍ଗ ପଧାନ, ସୁବାସ ପଧାନ, କୃଷ୍ଣଚନ୍ଦ୍ର ବାରିକ, କେଶବ ପଧାନ, ସୁଧୀର ପଧାନ, କୃଷ୍ଣ ପଧାନ, ସାରପଧାନ ପ୍ରମୁଖ ଯୋଗ ଦେଇଥିଲେ।

### ମୁକୁନ୍ଦ ନନ୍ଦ ହତ୍ୟା ମାମଲା, ସାଇଣ୍ଟିଫିକ ଟିମ୍‌ର ତନାଘନା

**ଲୋଇସିଂହା,୨୭।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ପୁଇଁତଲା ଥାନା କୁଲେରବାହାଲି ଗ୍ରାମର ଡ୍ରାଇଭର ମୁକୁନ୍ଦ ନନ୍ଦଙ୍କ ଗତ ସୋମବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଗୁରୁବାର ମୃତକଙ୍କ ଭାଇ ବୀରନନ୍ଦ ନନ୍ଦ ଲୋଇସିଂହା ଥାନାରେ ଏତଲା ଦେବା ପରେ ମାମଲା ଭିନ୍ନ ମୋଡ ନେଇଛି।

# ଭାବଭକ୍ତିର ଅନ୍ୱେଷଣ ହେଉଛି ସୁନ୍ଦରାକାଣ୍ଡ

**ବରଗଡ଼, ୨୮।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଗମାନନ୍ଦ ବିହାର କଲ୍ୟାଣ ମଣ୍ଡପରେ ଶନିବାର ସୁନ୍ଦରାକାଣ୍ଡ ପାରାୟଣ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ପଡ଼ାବାସୀଙ୍କ ଉଦ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପଣ୍ଡିତ ସନ୍ତୋଷ ପଣ୍ଡା ପୌରୋହିତ୍ୟ କରିଥିବା ବେଳେ ଭାଗୀରଥି ପ୍ରଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବିଶିଷ୍ଟ ପ୍ରବଚକ ବିବେକାନନ୍ଦ ବହିଦାର ଯୋଗଦେଇ ଆଦର୍ଶ ପୁରୁଷ ରାମଚନ୍ଦ୍ରଙ୍କ ଜୀବନୀ ଓ ପବିତ୍ର ରାମାୟଣ ଉପରେ ସାରଗର୍ଭକ ବକ୍ତବ୍ୟ ଦେଇଥିଲେ। ରାମାୟଣରେ ସୁନ୍ଦରାକାଣ୍ଡ ହେଉଛି ଭକ୍ତିଭାବ ଅନ୍ୱେଷଣର କାଣ୍ଡ ବୋଲି ଉଲ୍ଲେଖ କରି ପ୍ରଭୁ ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରଭୁ ରାମଚନ୍ଦ୍ରଙ୍କ ଭଜନ କୀର୍ତ୍ତନ ସହିତ ପୂଜନ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅର୍ଜୁନ ସେଟ, ପ୍ରଦୀପ ସାହୁ, ବାଙ୍କା ବିହାରୀ ସାହୁ, ଦଇତାରି ସାହୁ, ସୁରେଶ ବାରିକ, ଅର୍ଜୁନ ମହାପାତ୍ର, ଅଶୋକ ହୋତା, ଟିକେଲାଲ ପ୍ରଧାନ, ଡୋଲାମଣି ବିଶି, ମୃତ୍ୟୁଞ୍ଜୟ ମିଶ୍ର, ଟିକେଲାଲ ନାଏକ, ଜଗବନ୍ଧୁ ନାଏକ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଉଦ୍ଧବ ସେଟଙ୍କ ସମେତ ଶତାଧିକ ମହିଳାପୁରୁଷ ଉପସ୍ଥିତ ରହି ରାମାୟଣ କଥା ଶ୍ରବଣ କରିଥିଲେ। ନିଗମାନନ୍ଦ ବିହାର ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ନିଗମାନନ୍ଦ ବିହାରରେ ସୁନ୍ଦରାକାଣ୍ଡ ପ୍ରବଚନ।

### ପୋଖରୀରେ ବୁଡ଼ି ବୁଲାବିକାଳିଙ୍କ ମୃତ୍ୟୁ

**ଟିଟିଲାଗଡ଼, ୨୮।୧୦(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହର ପଦ୍ମନାଭପୁର ପଡାର ଜଣେ ବୁଲା ବିକାଳିଙ୍କର ଶନିବାର ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ନରୋତ୍ତମ ନାୟକ (୬୫)। ମଧ୍ୟାହ୍ନରେ ସ୍ଥାନୀୟ ମୁଡାବନ୍ଧରେ ଗାଧୋଉଥିବା ବେଳେ ସେ ପାଣିରେ ବୁଡ଼ି ଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର ପତ୍ତା ମିଳି ନ ଥିଲା। ତେବେ ପୋଖରୀ ନିକଟରେ ତାଙ୍କର ଟିଣପେଟି, ପୋଷାକ, ଚପଲ ଦେଖି ପରିବାର ଲୋକେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଖରୀ ପାଖରେ ଲାଗିଥିବା ଏକ ବ୍ୟବସାୟିକ ପ୍ରତିଷ୍ଠାନର ସିସିଟିଭି କ୍ୟାମେରା ଯାଞ୍ଚ ପରେ ନରୋତ୍ତମ ମୁଡବନ୍ଧକୁ ଯାଇଥିବା ଜଣାପଡିଥିଲା। ପୋଲିସଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପୋଖରୀରେ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଟିଟିଲାଗଡ଼ ଡାକ୍ତରଖାନା ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ମହିଳାଙ୍କୁ ଅପମାନ, ଥାନାରେ ଏତଲା

**ଲୋଇସିଂହା,୨୮।୧୦(ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡ଼ା ଦଳିତ ବସ୍ତିର ଜଣେ ମହିଳାଙ୍କ ବିରୋଧରେ ସେହି ସାହିର ଜଣେ ଯୁବକ ସାମାଜିକ ଗଣମାଧ୍ୟମରେ ଅପଶବ୍ଦ ବ୍ୟବହାର କରିଛନ୍ତି। ସମ୍ପୃକ୍ତ ମହିଳା ଏବଂ ତାଙ୍କ କଳାକାର ସ୍ୱାମୀଙ୍କ ମାନସମ୍ମାନ ଉପରେ ଏହା ଆଞ୍ଚ ଆଣିଥିବା ଅଭିଯୋଗ କରି ପୀଡିତା ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏତଲାକୁ ଗ୍ରହଣ କରି ଏକ ମାମଲା ରୁଜୁ କରିଛି । ନିଜ ସାମାଜିକ ଗଣମାଧ୍ୟମ ଆଇଡିରେ ସମ୍ପୃକ୍ତ ଯୁବକ ଜଣକ ପୋଷ୍ଟ କରିବା ପରେ ପୀଡିତା ଓ ତାଙ୍କ ସ୍ୱାମୀ ଏହାକୁ ହଟାଇ ଦେବାକୁ ଅନୁରୋଧ କରିଥିଲେ। ହେଲେ ସମ୍ପୃକ୍ତ ଯୁବକ ଜଣକ ଓଲଟି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ନେଇ ପୀଡିତା ଏତାଲାରେ ଦର୍ଶାଇଛନ୍ତି।

# ଦିବ୍ୟାଙ୍ଗଙ୍କ ମୃତଦେହକୁ କାନ୍ଧ ଦେଲେ ପୂର୍ବତନ ବିଧାୟକ



ଦିବ୍ୟାଙ୍ଗଙ୍କ ମୃତଦେହକୁ ପ୍ରଦୀପ ପୁରୋହିତ କାନ୍ଧ ଦେଇଛନ୍ତି।

**ପାଇକମାଳ,୨୮।୧୦(ବଡ ଶତପଥି)**

ବରଗଡ ଜିଲା ପାଇକମାଳ ଥାନା ଅଧୀନ ଛେତଗାଁର ଜଣେ ଦିବ୍ୟାଙ୍ଗ କ୍ଷେତ୍ରମଣି ପଟେଲ(୪୨)ଙ୍କ ଶନିବାର ଭୋର୍ ସମୟରେ ପରଲୋକ ହୋଇଛି। ତାଙ୍କ ମୃତଦେହକୁ ସଂସ୍କାର ପାଇଁ ନିଆଯିବା ସମୟରେ ଭାଜପା ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କାନ୍ଧ ଦେଇଛନ୍ତି। କ୍ଷେତ୍ରମଣି ଜନ୍ମରୁ ଦିବ୍ୟାଙ୍ଗ। ସେ ଗାଁରେ ଏକ ପାନ ଦୋକାନ କରି ପରିବାର ଚଳାଉଥିଲେ। ୨୦୦୮ରେ ପଦ୍ମପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସେ ଏକ ତିନିଚକିଆ ସାଇକେଲ ଯୋଗେ ପାଇକମାଳରୁ ଦୀର୍ଘ ୩୦ କିଲୋମିଟର ଯାତ୍ରା କରିଥିଲେ। କ୍ଷେତ୍ରମଣି ଭାଜପାର ଜଣେ ସକ୍ରିୟ ସଦସ୍ୟ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ପାଇକମାଳ ମଣ୍ଡଳ ସଭାପତି କୈଳାସ ଦିଶ୍ରୀ, ରାଜେନ୍ଦ୍ର ସେଠଙ୍କ ସମେତ ଶତାଧିକ ଲୋକ ତାଙ୍କ ଘରେ ପହଞ୍ଚି ଶେଷଦର୍ଶନ କରିଥିଲେ।

# ପଦ୍ମପୁରରେ ପଥ ଉତ୍ସବ




ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

**ପଦ୍ମପୁର,୨୮।୧୦(ପ୍ରଦୀପ୍ତ ଦାଶ)**

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନରେ ଅଧିକରୁ ଅଧିକ ଭୋଟରଙ୍କୁ ସାମିଲ ଲକ୍ଷ୍ୟ ନେଇ ପଦ୍ମପୁରରେ ଶନିବାର ୱାକାଥନ୍ ଓ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମପୁର ସିନିୟର ସିଭିଲ୍ ଜଜ୍ ଦେବାଶିସ ଦାସ, ଉପଜିଲାପାଳ ଆଲୋକ ପଟେଲ, ବିଡିଓ ଚନ୍ଦ୍ରମଣି ନାଗ, ତହସିଲଦାର ବିପିନ ପଧାନ, ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ରଙ୍କ ସଂଯୋଜନାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସମସ୍ତେ ୱାକାଥନରେ ବାହାରି ସହର ପରିକ୍ରମା କରିଥିଲେ। ଭେଉଁରିଆ ଛକରେ ପଥ ଉତ୍ସବରେ ଭୋଟର ସଚେତନତା ଗୀତ ଓ ନିର୍ବାଚନ କୁଇଜ୍ କରାଯାଇଥିଲା। ଅତିଥିମାନେ ଗଣତନ୍ତ୍ରରେ ଭୋଟରଙ୍କ ଭୂମିକା ଉପରେ ବକ୍ତବ୍ୟ ରଖି ଲୋକଙ୍କୁ ଉତ୍ସାହିତ କରିଥିଲେ। ସହର ପରିକ୍ରମା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାକାର ଓ ମହିଳାମାନେ ରଙ୍ଗୋଲି ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଆମେ ଭାରତର ମତଦାତା ନାମକ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଲୋକାର୍ପିତ ହୋଇଥିଲା। ଶେଷରେ ବିନାୟକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମଦେବୀ ମନ୍ଦିରର ସମର୍ପଣ ଉତ୍ସବ

**ବରଗଡ଼,୨୮।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ବାଲିଯୋରି ଗ୍ରାମରେ ନବନିର୍ମିତ ଗ୍ରାମଦେବୀଙ୍କ ଭବ୍ୟ ମନ୍ଦିରର ସମର୍ପଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛ। ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବରଗଡ଼ ବିଧାୟକ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ଦିରକୁ ମା'ଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବା ସହ ଜନସାଧାରଣଙ୍କ ପାଇଁ ଲୋକାର୍ପଣ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଗ୍ରାମଦେବୀ ମନ୍ଦିର ନିର୍ମାଣ କମିଟି ସଭାପତି ସିଦ୍ଧେଶ୍ୱର ପାଣିଗ୍ରାହୀ, ଜୟନ୍ତ ଷଣ୍ଢ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।



ଗ୍ରାମଦେବୀ ମନ୍ଦିର ସମର୍ପଣ ଉତ୍ସବରେ ଅତିଥି।

# ଚିଚିଣ୍ଡା ଧନୁଯାତ୍ରା ପାଇଁ କଂସ ବରଣ

**ଭେଡ଼େନ,୨୮।୧୦(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅର୍ନ୍ତଗତ ଚିଚିଣ୍ଡା ଧନୁଯାତ୍ରା ମହୋତ୍ସବ ପାଇଁ କଂସ ବରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବରଗଡ଼ର ଧନୁଯାତ୍ରାର ପୂର୍ବତନ କଂସ ଅଭିନେତା ସର୍ଲା ଗ୍ରାମର ଭୁବନେଶ୍ୱର ପଧାନଙ୍କୁ କଂସ ଭୂମିକାରେ ଅଭିନୟ କରିବା ପାଇଁ ବରଣ କରାଯାଇଛି। ଧନୁଯାତ୍ରା ମହୋତ୍ସବ ଆସନ୍ତା ଡ଼ିସେମ୍ବର ୧୭ରୁ ୨୭ ତାରିଖ ପର୍ଯ୍ୟନ୍ତ ୧୦ଦିନ ଧରି ଚିଚିଣ୍ଡା ଗ୍ରାମରେ ଚାଲିବ। ଏହି ପରିପ୍ରେକ୍ଷୀରେ ଯାତ୍ରା କମିଟି ସଦସ୍ୟମାନେ ପଧାନଙ୍କ ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପମାଲ୍ୟ, ଉପଢୌକନ ଏବଂ ନାରିକେଳ ଦେଇ ବରଣ କରିଥିଲେ। କମିଟି ସଭାପତି ସଞ୍ଜୀବ ମେହେର, ସମ୍ପାଦକ ସୁଶାନ୍ତ ପଧାନ, କୋଷାଧ୍ୟକ୍ଷ ରାଧେଶ୍ୟାମ ମେହେର, ସରପଞ୍ଚ ପ୍ରତିନିଧି ମକରଧ୍ୱଜ ମେହେର, ସମିତିସଭ୍ୟ ପ୍ରତିନିଧି ମୁକେଶ ସାହୁ, ମନବୋଧ ମେହେର, ଶ୍ୟାମ ମେହେର, ଶେଷଦେବ ମହାନନ୍ଦ, ଉମାକାନ୍ତ ମେହେର, ସଞ୍ଜୟ ମେହେର, ଝଗଡୁ ପଧାନଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



କଂସ ଅଭିନେତା ଭୁବନେଶ୍ୱର ପଧାନଙ୍କୁ ବରଣ କରାଯାଉଛି।

## ସଂକ୍ଷେପରେ

### ବିପଦକୁ ଆମନ୍ତ୍ରଣ କରୁଛି ଭଙ୍ଗା ବିଦ୍ୟୁତ ଖୁଣ୍ଟ

ରାଉରକେଲା,୨୮।୧୦(ଦିନେଶ ମିଶ୍ର): ରାଉରକେଲା ମହତାବ ରୋଡ୍ ଆର୍‌ଡିଏ କଲୋନୀ ରାସ୍ତାକଡ଼ରେ ଏକ ବିଦ୍ୟୁତ ଖୁଣ୍ଟ ଭଗ୍ନ ଅବସ୍ଥାରେ ରହିଛି। ଏହି ଖୁଣ୍ଟଟି କେତେବେଳେ ଟଳି ପଡିବ ତାହା କହିହେବ ନାହିଁ। ଖୁଣ୍ଟଟି ମୂଳରୁ ଉପୁଡିପଡିଥିବାବେଳେ ଚାରିପାଖ ସିମେଣ୍ଟ ପ୍ଲାଷ୍ଟର ଭାଙ୍ଗିଯାଇଛି। ଫଳରେ ଖୁଣ୍ଟଟି ଅଧା ନଇଁ ଯାଇଛି। ଖୁଣ୍ଟରେ ଲାଗିଥିବା ତାରଗୁଡିକ ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି। ବିଦ୍ୟୁତ ତାରଗୁଡିକ ତଳକୁ ଝୁଲି ରହିଥିବାରୁ ଏହି ରାସ୍ତାରେ ଭାରିଯାନ ଯାତାୟାତରେ ଅସୁବିଧା ହେଉଛି। ତେବେ ଭଗ୍ନ ଅବସ୍ଥାରେ ପଡି ରହିଥିବା ବିଦ୍ୟୁତ ଖୁଣ୍ଟକୁ ତୁରନ୍ତ ମରାମତି କରିବା ପାଇଁ କଲୋନୀବାସୀ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଜେଇ ବିକାଶ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଆରଡିଏ କଲୋନୀରେ ଭଗ୍ନ ଅବସ୍ଥାରେ ଥିବା ଖୁଣ୍ଟକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଦୁଇଦିନ ଭିତରେ ଆମ ଟେକ୍ନିକାଲ ଟିମ୍‌କୁ ଉକ୍ତ ସ୍ଥାନକୁ ପଠାଇ ମରାମତି କରିବୁ ବୋଲି ସେ କହିଥିଲେ।

### ଟ୍ରେନରୁ ଖସିପଡ଼ି ଚିକିତ୍ସାଧୀନ ମହିଳା ମୃତ

ରାଉରକେଲା,୨୮।୧୦(ଦିନେଶ ମିଶ୍ର): ଟ୍ରେନରୁ ଖସିପଡି ଆରଜିଏଚ୍‌ରେ ଚିକିତ୍ସାଧୀନ ଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ସୋନିଆର ଲୁହାର(୩୮)। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ, ବିଶ୍ରା ଅଞ୍ଚଳର ସୋନିଆର ଗତ ୨୫ ତାରିଖରେ ଚାଇଁବସା ହାଟରେ ପରିବା ବିକ୍ରି କରି ଏକ ଯାତ୍ରୀବାହୀ ଟ୍ରେନରେ ଘରକୁ ଫେରୁଥିବାବେଳେ ଖୁଣ୍ଟଗାଁ ନିକଟରେ ଟ୍ରେନରୁ ଖସି ପଡିଥିଲେ। ଜିଆରପି ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।



ଶନିବାର ରାଉରକେଲା ସହରରେ ଭୋଟର ସଚେତନତା ପାଇଁ ୱାକାଥନ କରାଯାଉଛି।

# ମଧ୍ୟବିତ୍ତଙ୍କୁ ଅପହଞ୍ଚ ଆବାସ ପ୍ରକଳ୍ପ

ରାଉରକେଲା,୨୬।୧୦(ସଙ୍ଗୀତା ଜେନା)

ସ୍ମାର୍ଟସିଟି ରାଉରକେଲା ଆଧୁନିକ କୌଶଳ ସମ୍ପନ୍ନ ସହର ଭାବେ ଖ୍ୟାତି ଲାଭ କରିଛି। ଏଠାରେ ଇସ୍ପାତ କାରଖାନା, ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ଏବଂ ଅନ୍ୟ ଶିଳ୍ପ ପ୍ରତିଷ୍ଠାନ ରହିଛି। ତେବେ ସହରରେ ସରକାରଙ୍କ ସେଭଳି ଆବାସ ପ୍ରକଳ୍ପ ନ ଥିବା ଯୋଗୁ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ବାସଗୃହ ଅଭାବ ଦେଖାଦେଇଛି। ସେମାନଙ୍କ ପାଇଁ ଘର ଖଣ୍ଡେ କିଣିବା ସାତସପନ ହୋଇଛି।

ସୂଚନା ଅନୁସାରେ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡ଼ିଏ)ଙ୍କ ପକ୍ଷରୁ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେଲା ସହରରେ କୌଣସି ନୂତନ ବାସଗୃହ ପ୍ରକଳ୍ପ ହୋଇନାହିଁ। ଫଳରେ ବାସଗୃହ ସମସ୍ୟା ବଢ଼ିବାରେ ଲାଗିଛି। ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଶିଳ୍ପାଞ୍ଚଳରେ ବାସଗୃହ ପ୍ରକଳ୍ପ ସୁବିଧା ନାହିଁ। ସହରରେ ହାଉସିଂ ବୋର୍ଡ ପକ୍ଷରୁ ବାସନ୍ତୀ କଲୋନୀ, ଛେଣ୍ଡ ହାଉସିଂ ପ୍ରୋଜେକ୍ଟ ବ୍ୟବସ୍ଥା କରାଯାଇଥିଲା। ଛେଣ୍ଡ ପରେ ସହରରେ



ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟ।

ଅନ୍ୟ କୌଣସି ପ୍ରକଳ୍ପ ନାହିଁ। ବେଦବ୍ୟାସ ଟିସିଆଇ, ବ୍ରାହ୍ମଣୀତରଙ୍ଗ, ଜଗଦା, ଶକ୍ତିନଗର, ବରଟୋଲି, ଦଲପୋଷ, ଜବାଘାଟ ସମେତ ଅନ୍ୟ କିଛି ଅଞ୍ଚଳରେ ବିଲ୍ଡରମାନେ ଆପାର୍ଟମେଣ୍ଟ ନିର୍ମାଣ କରି ଚଢ଼ାଦରରେ ବିକ୍ରି କରୁଛନ୍ତି। ଏପରିକି ଶକ୍ତିନଗର ଅଞ୍ଚଳରେ ୩ ବେଡ୍‌ରୁମ୍ ବିଶିଷ୍ଟ ବାସଗୃହ ୧ କୋଟି ୨୦ଲକ୍ଷ ଟଙ୍କାରେ ବିକ୍ରି କରାଯାଉଥିବା ସୂଚନା ମିଳିଛି। ସେହିପରି ଛେଣ୍ଡ, ବାସନ୍ତୀ କଲୋନୀରେ ୧୨ଶହ , ୧୫ଶହ ବର୍ଗଫୁଟ ବିଶିଷ୍ଟ ଜମିକୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରାଯାଉଛି। ଜମି ଦଲାଲ ସହର ନିକଟ ବିଶ୍ରା, ଲାଠିକଟା, କୁଆଁରମୁଣ୍ଡା ଓ ଅନ୍ୟ ବ୍ଲକ ଅଞ୍ଚଳରେ ଜମି କିଣି ଅକ୍ତିଆର କରି ରଖିଛନ୍ତି। ଲୋକଙ୍କ ନିକଟରେ ଥିବା ଅର୍ଥ ଅନୁପାତରେ ଗୃହ ଦର ଅଧିକ ହେଉଥିବା କିଛି ବରିଷ୍ଠ ନାଗରିକ ମତ ଦେଇଛନ୍ତି। ଏହି ସମସ୍ୟାରେ ଅଧିକ ପ୍ରଭାବିତ ହେଉଛନ୍ତି ରାଉରକେଲା ଇସ୍ପାତ କାରଖାନାରୁ ଅବସରଗ୍ରହଣ କରୁଥିବା କର୍ମଚାରୀ ଓ ମଧ୍ୟବିତ୍ତ ପରିବାର। ଏ ସମ୍ପର୍କରେ ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନର ସଭାପତି ଇଂ. ଅଭୟ ଦାସ କୁହନ୍ତି, ସହରରେ ବାସଗୃହ ଅଭାବ ଏକ ବିରାଟ ସମସ୍ୟା ପାଲଟିଛି। ସରକାରଙ୍କ ବାସଗୃହ ପ୍ରକଳ୍ପ ନ ଥିବାରୁ ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀମାନେ ସହର ଛାଡ଼ି ଅନ୍ୟତ୍ର ଯିବାକୁ ବାଧ୍ୟ ହେଉଛନ୍ତି। ନଚେତ୍ ଜୀବନର ଜମାପୁଞ୍ଜିକୁ ଘର ଭଡା ବାବଦରେ ଦେଉଛନ୍ତି। ସରକାରୀ ହାଉସିଂ ସ୍କିମ୍‌ରେ ପୂର୍ବତନ କର୍ମଚାରୀମାନଙ୍କ ପାଇଁ ସଂରକ୍ଷଣ ରହିବା କଥା। ସରକାରୀ ସ୍ତରରେ ମଧ୍ୟବିତ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ବାସଗୃହ ଯୋଗାଣ କରାଇବା ସହ ସହର ଆଖପାଖରେ ଜମି ଚିହ୍ନଟ କରି ନୂତନ ପ୍ରକଳ୍ପ କରିବା ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ଦାସ କହିଥିଲେ। ସେହିପରି ଆର୍‌ଡିଏ ଯନ୍ତ୍ରୀ ଇପ୍ସିତା ବିଶ୍ୱାଳଙ୍କୁ ପଚରାଯିବାରୁ ସେ କହିଲେ, ୯୦ ଦଶକରେ ଛେଣ୍ଡ ହାଉସିଂ ପ୍ରୋଜେକ୍ଟ ପରେ ୨୦୨୦ରେ ଦୁର୍ବଳ ଆର୍ଥିକ ବର୍ଗ (ଇଆରଡ଼ବ୍ଲ୍ୟୁ)ଙ୍କ ପାଇଁ ଛେଣ୍ଡ ରିମ୍ବଠାରେ ଗୃହ ନିର୍ମାଣ କରାଯାଇଥିଲା। ନୂତନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହା ବିଚାରଧୀନ ରହିଛି ବୋଲି ବିଶ୍ୱାଳ କହିଥିଲେ।

# ୱାକାଥନ, ପଥ ଉତ୍ସବରେ ଭୋଟର ସଚେତନତା

ରାଉରକେଲା,୨୮।୧୦(ଦିନେଶ ମିଶ୍ର)

ରାଉରକେଲା ସହରରେ ମତଦାନ ଓ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଲାଗି ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୱାକାଥନ ଓ ପଥ ଉତ୍ସବ ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ପକ୍ଷରୁ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଭୋଟ୍‌ର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। ପରେ ଉଦିତନଗର ସ୍ଥିତ ଆମ୍ବେଡକର ଛକରୁ ଏକ ୱାକାଥନର ଆୟୋଜନ କରାଯାଇଥିଲା। ଏଥିରେ ମ୍ୟୁନିସିପାଲ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ବୁଥସ୍ତରୀୟ ଅଧିକାରୀ ଓ ଆରଏମ୍‌ସିର ବହୁ କର୍ମଚାରୀ ଉପସ୍ଥିତ ରହି ଯୁବ ଭୋଟମାନଙ୍କ ମଧ୍ୟରେ ଭୋଟ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ରାଲି ଆମ୍ବେଡକର ଛକରୁ ବାହାରି ଆରଏମ୍‌ସି ସମ୍ମୁଖ ନେତାଜୀ ସୁବାଷ ଚନ୍ଦ୍ର ବୋଷ ପାର୍କରେ ପହଞ୍ଚିଲା। ପାର୍କ ପରିସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା 'ଆସ ଆମେ ଭୋଟର ହେବା' ଶୀର୍ଷକ ନାଟକ ପରିବେଷଣ କରାଯାଇଥିଲା। ଏଥିସହ ଝୋଟି, ସେଲ୍‌ଫି ଜୋନ, ନିର୍ବାଚନ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପାର୍କ ଭିତରେ ଯୁବ ଭୋଟରମାନଙ୍କ ପାଇଁ ଏକ ଡମି ଭୋଟର କେନ୍ଦ୍ର କରାଯାଇଥିଲା। ଏଥିସହ ଭୋଟ୍‌ଦାନରୁ ନିବୃତ୍ତ ନ ହେବା ପାଇଁ ଶପଥପାଠ କରାଯାଇଥିଲା। ଆଗାମୀ ଜାନୁଆରୀରେ ପ୍ରକାଶିତ ହେବାକୁ ଥିବା ନୂତନ ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବା ପାଇଁ ନାମ ସଂଶୋଧନ କରିବା ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଉପଆୟୁକ୍ତ କମିଶନର ଗୌରବମୟ ପ୍ରଧାନ, ସୁକାନ୍ତ କୁମାର ବେହୁରିଆ, ରୋନିତ କୁମାର, ସହକାରୀ ଉପଆୟୁକ୍ତ ନରେନ୍ଦ୍ର ପ୍ରଧାନ, ଓଏସ୍‌ଡି ଆରଡିଏ ଚନ୍ଦ୍ରକାନ୍ତ ମଲ୍ଲିକ, ତହସିଲଦାର ନିବେଦିତା ପ୍ରଧାନଙ୍କ ସମେତ ଆରଏମ୍‌ସିର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ରାଉରକେଲାରେ ଗଜଲକ୍ଷ୍ମୀଙ୍କ ପୂଜନୋତ୍ସବ


ଓରାମପଡା ପୂଜା ମଣ୍ଡପରେ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଚାଲିଛି।

ରାଉରକେଲା,୨୮।୧୦
(ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ରାଉରକେଲା ଓରାମପଡା ଲକ୍ଷ୍ମୀପୂଜା କମିଟି ତରଫରୁ ଜଗତ୍‌ଜନନୀ ମାଁ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ବିଧି ଅନୁସାରେ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତବର୍ଷ ସୁରେଶ ଅଗ୍ରୱାଲ ସସ୍ତ୍ରୀକ ଦାୟିତ୍ୱ ତୁଲାଇଥିଲେ। କମିଟି ଅଧ୍ୟକ୍ଷ ଅଶ୍ୱିନୀ ବିଶ୍ୱାଳ, ଉପାଧ୍ୟକ୍ଷ ଅଗସ୍ତି ଚନ୍ଦ୍ର ସାହୁ, ମଲକିତ ସିଂହ, ପବିତ୍ର ସାହୁଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ସେହିପରି ଫର୍ଟିଲାଇଜର ଲାଲଟାଙ୍କି, ପାନପୋଷ, ଏସ୍‌ଟିଆଇ ଛକ, ଉଦିତ ନଗର ଛକ ସ୍ଥିତ ଓଭରବ୍ରିଜ ଅଞ୍ଚଳରେ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଷୋଡଶ ଉପଚାର ସହିତ ପାଳିତ ହୋଇଛି। ଲକ୍ଷ୍ମୀପୂଜା ପାଇଁ ଫର୍ଟିଲାଇଜର ସମେତ ସହରର ବିଭିନ୍ନ ଅଞ୍ଚଳର ପୂଜାମଣ୍ଡପ ଗୁଡିକରେ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ସେହିପରି ଡିଏଭି ସ୍ଥିତ ଗୋପବନ୍ଧୁ ମାର୍କେଟ କମ୍ପ୍ଲେକ୍ସରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି। ପଣ୍ଡିତ ପ୍ରଶାନ୍ତ କୁମାର ଦାଶ ମା'ଙ୍କ ଷୋଡଷ ଉପଚାର ପୂଜା କରିଥିଲେ। କର୍ତ୍ତା ଭାବେ ମାନଗୋବିନ୍ଦ ମଲ୍ଲିକ ଓ ସୁକାନ୍ତି ମଲ୍ଲିକ ଯୋଗ ଦେଇଥିଲେ। ସଭାପତି ଦେବବ୍ରତ ସିଂ, ରଞ୍ଜନ କୁମାର ସିଂ, ରଞ୍ଜନ କୁମାର ସାହୁ, ସୁବାଷ ନାୟକ, କହରା ଜେନା ପ୍ରମୁଖ ଉପସ୍ଥିତ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ସେକ୍ଟର-୧୭ ସ୍ଥିତ ଲକ୍ଷ୍ମୀପୂଜା ପେଣ୍ଡାଲରେ ମା'ଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ଏହି ଅବସରରେ ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଲକ୍ଷ୍ମୀଙ୍କ ଅଷ୍ଟଭୂଜା ଝାଙ୍କି ରୂପ ପ୍ରଦର୍ଶନ କରାଯାଇଥିଲା। ଉଦିତନଗର ସ୍ଥିତ ଜଗତଜନନୀ ମାର୍କେଟ କମ୍ପ୍ଲେକ୍ସରେ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ କୃପାଲାଭ କରିଥିଲେ।

# ଏଥିକ୍ସ କ୍ଲବରେ ଶପଥ ସମାରୋହ ଉତ୍ସବ

ରାଉରକେଲା,୨୮।୧୦(ବିପ୍ଳବ ରଞ୍ଜନ ଦାଶ)

ଆରଏସପି ପରିଚାଳିତ ସେକ୍ଟର-୨୦ ଇସ୍ପାତ ଇଂରାଜୀ ମାଧ୍ୟମ ସ୍କୁଲ ପରିସରସ୍ଥ ଏଥିକ୍ସ କ୍ଲବରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସହର ସେବା ବିଭାଗ ଜିଏମ୍ ଇନଚାର୍ଜ ପି. କେ. ଦାସ ମୁଖ୍ୟଅତିଥି, ସତର୍କତା ବିଭାଗର ଜିଏମ୍ ସୌମିତ କୁମାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସହର ସେବା ଶିକ୍ଷା ବିଭାଗର ଜିଏମ୍ ମନୋଜ ଅଗ୍ରୱାଲ ଉପସ୍ଥିତ ଥିଲେ। ପି. କେ. ଦାସ ତାଙ୍କ ବକ୍ତବ୍ୟରେ ଏଥିକ୍ସ କ୍ଲବର ପ୍ରତ୍ୟେକ ସଦସ୍ୟଙ୍କୁ ସେମାନଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଦୈନିକ ମୂଲ୍ୟବୋଧ ବଜାୟ ରଖିବାକୁ ପରାମର୍ଶ ଦେବା ସହିତ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ। ମନୋଜ ଅଗ୍ରୱାଲ କ୍ଲବର ପ୍ରମୁଖ ଭୂମିକା ଏବଂ ପିଲାଙ୍କ ଉପରେ ଏହାର ପ୍ରଭାବ ବିଷୟରେ ଉଲ୍ଲେଖ କରିଥିଲେ। ଅତିଥିମାନେ ପୂର୍ବରୁ ଆୟୋଜିତ ବକ୍ତୃତା, କୁଇଜ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଏବଂ କ୍ଷୁଦ୍ର ନାଟକ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଡାକ୍ତର ସୁଶ୍ରୀତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ସ୍କୁଲର ୬ଷ୍ଠ ଶ୍ରେଣୀ ଛାତ୍ର ମୋହିତ ପଲ୍ଲାଉର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏଥିକ୍ସ କ୍ଲବର ସଦସ୍ୟ ପ୍ରତ୍ୟୁଷ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସତର୍କତା ବିଭାଗ ଏବଂ ସହର ପ୍ରଶାସନ ବିଭାଗର କର୍ମଚାରୀଙ୍କ ସମେତ ପ୍ରାୟ ୨ଶହ ଛାତ୍ରୀଛାତ୍ର, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


ସମାରୋହରେ ଶପଥ ଗ୍ରହଣ କରାଯାଉଛି।

# ଦେଓ ନଦୀ ବ୍ରିଜ୍ ଆନ୍ଦୋଳନକୁ ସମର୍ଥନ

ରାଉରକେଲା,୨୮।୧୦(ସଙ୍ଗୀତା ଜେନା)

ଦେଓ ନଦୀ ଅସମ୍ପୂର୍ଣ୍ଣ ବ୍ରିଜ ତୁରନ୍ତ ନିର୍ମାଣ ଶେଷ କରିବା ଦାବିରେ ଆନ୍ଦୋଳନ ତୀବ୍ର ହୋଇଛି। ଏଥିପାଇଁ ସମାଜସେବୀ ମୁକ୍ତିକାନ୍ତ ବିଶ୍ୱାଳ ଗତ ୨ତାରିଖରୁ ଧାରଣାରେ ବସିଥିଲେ। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଗତ ୨୪ ତାରିଖରୁ ସେ ଆମରଣ ଅନଶନ କରିଛନ୍ତି। ତେବେ ଏହି ଆନ୍ଦୋଳନକୁ ପିସିସି କ୍ୟାମ୍ପେନ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ସମର୍ଥନ ଜଣାଇଛନ୍ତି। ଶନିବାର ଅପରାହ୍ନରେ ସେ ଦେଓ ନଦୀ ବ୍ରିଜ ଉପରେ ଅନଶନସ୍ଥଳକୁ ପହଞ୍ଚିଥିଲେ। ଏହି ସମୟରେ ବିପଦସଙ୍କୁଳ ଅବସ୍ଥାରେ ୧୨ଟି ପଞ୍ଚାୟତର ଲୋକେ ଶିଡ଼ି ଚଢ଼ି ଯାଆସ କରୁଥିବା ଦେଖି ସେ ଏହାକୁ କଡ଼ା ନିନ୍ଦା କରିଥିଲେ। ପଟ୍ଟନାୟକ କହିଲେ, ବ୍ରିଜ ନିର୍ମାଣ ହେବା ପୂର୍ବରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପନ୍ନ ହେବା କଥା। ପ୍ରଶାସନ ଚାହିଁଲେ ଏକ ମିନିଟ୍‌ରେ ଏହାର ସମାଧାନ ହୋଇପାରିବ। ବ୍ରିଜ ବ୍ୟୟବଜେଟ ସାମାନ୍ୟ ବୃଦ୍ଧି ହୋଇପାରେ। କିନ୍ତୁ ଏପରି ଦୀର୍ଘଦିନ ଧରି ଲୋକଙ୍କ ସମସ୍ୟାକୁ ଅଣଦେଖା କରିବା ଅତ୍ୟନ୍ତ


କଂଗ୍ରେସ ନେତୃବୃନ୍ଦ ବିଜୟ ପଟ୍ଟନାୟକଙ୍କୁ ପାଛୋଟି ନେଉଛନ୍ତି।

## ଧାରଣାସ୍ଥଳରେ ପିସିସି କ୍ୟାମ୍ପେନ କମିଟି ଅଧ୍ୟକ୍ଷ

ଦୁର୍ଭାଗ୍ୟଜନକ। ରାଜ୍ୟର ଅନ୍ୟ ସ୍ଥାନରେ ଏପରି ସମସ୍ୟା ହେଲେ ସେଠାରେ ମନ୍ତ୍ରୀ, ଜନପ୍ରତିନିଧି, ବରିଷ୍ଠ ଅଧିକାରୀ ଅନୁଧ୍ୟାନ କରିବା ସହ ସମାଧାନ କରିବା ପନ୍ଥା ବାହାର କରୁଛନ୍ତି। ହେଲେ ଏଠାରେ ବ୍ୟତିକ୍ରମ ହେଉଛି। ୨୦ହଜାର ଗ୍ରାମବାସୀଙ୍କ ସମସ୍ୟା ପ୍ରତି ସରକାରଙ୍କ ଧ୍ୟାନ ନାହିଁ ବୋଲି ପଟ୍ଟନାୟକ ମତ ଦେଇଥିଲେ। ଏହି ଅବସରରେ ୧୨ଟି ପଞ୍ଚାୟତ ଲୋକଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ପୂର୍ବତନ ଯୁବ କଂଗ୍ରେସ ନେତା ଜ୍ଞାନେନ୍ଦ୍ର ଦାସ ସଭା ପରିଚାଳନା କରିଥିଲେ। ପୂର୍ବତନ ଡିସିସି ସଭାପତି ଗଣେଷ ପ୍ରଧାନ, ରବି ରାୟ, ସନ୍ତୋଷ ବିଶ୍ୱାଳ, ବିନୋଦ ରାଉତ, ପ୍ରଦୀପ ବୈରା, ଲତା ନାୟକ, ନିରୂପମା ବଳିଆରସିଂହ, ରାଜେଶ ଟପ୍ପୋ, ତୁଳସୀ ନାଗ, ରଘୁନାଥପାଲି କଂଗ୍ରେସ ଯୁବନେତା ସୁମିତ କଂସାରୀ, ରାଜ୍ୟ ଯୁବ ଉପସଭାପତି ନାରାୟଣ ବାରିକ, ସମାଜସେବୀ ଶ୍ରଦ୍ଧା ଷଡ଼ଙ୍ଗୀ, ଗୋପାଳ ଜେନା, ରଞ୍ଜନ ଲେଙ୍କା, ପୂର୍ବତନ ସରପଞ୍ଚ ଖାଡ଼ା କୁଜୁର, ପ୍ରଦୀପ ପାଢ଼ୀଙ୍କ ସମେତ ବିଭିନ୍ନ ପଞ୍ଚାୟତ ସମିତିସଭ୍ୟ, ସରପଂଚ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ହତ୍ୟା ଧମକ, ମୋବାଇଲ ଚୋରି ଅଭିଯୋଗରେ ଗିରଫ

ରାଉରକେଲା,୨୮।୧୦(ସଙ୍ଗୀତା ଜେନା)

ଉଦିତନଗର ଥାନା ଅଧୀନ ପଞ୍ଜାବୀ ଗଳିରେ ଜଣେ ମହିଳାଙ୍କୁ ହତ୍ୟା ଧମକ ଓ ଅନ୍ୟ ଜଣେ ମହିଳାଙ୍କ ମୋବାଇଲ ଚୋରି ଅଭିଯୋଗରେ ପୋଲିସ ନୋକିଆଗଳିର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସଞ୍ଜୟ କୁମାର(୪୦)। ତାଙ୍କଠାରୁ ଚୋରି ମୋବାଇଲ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୩୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନଯୋଗ୍ୟ, ଅଭିଯୁକ୍ତ ଜଣଙ୍କ ଶୁକ୍ରବାର ବିଶାଳ ମାର୍ଟ ଗଳିର ଜଣେ ମହିଳାଙ୍କ ଘରେ ପଶି ମୋବାଇଲ ଚୋରି କରିଥିଲେ। ସେହିପରି ପଞ୍ଜାବୀ ଗଳିରେ ଅନ୍ୟ ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏ ନେଇ ଥାନାରେ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ୩୧ରୁ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର

ରାଉରକେଲା,୨୮।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମାରବାଡି ଯୁବାମଞ୍ଚ ପକ୍ଷରୁ ଆସନ୍ତା ୩୧ରୁ ନଭେମ୍ବର ୨ତାରିଖ ଯାଏ ଅଗ୍ରସେନ ଭବନରେ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଅନୁଷ୍ଠିତ ହେବ। ଏ ନେଇ ବ୍ରାହ୍ମଣୀ କ୍ଲବରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମାରୱାଡି ଯୁବାମଞ୍ଚ ମଞ୍ଚ ସଭାପତି ପ୍ରଭାକର ଅଗ୍ରୱାଲ ସୂଚନା ଦେଇଛନ୍ତି। ଶିବିରରେ ୧୦୨ଜଣଙ୍କ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ପଞ୍ଜୀକୃତ ହୋଇଛି। ଏଭଳି କାର୍ଯ୍ୟକ୍ରମ ମଞ୍ଚ ତରଫରୁ ୨୦୦୭ରୁ ଆରମ୍ଭ ହୋଇଥିବା ବେଳେ ପ୍ରତ୍ୟେକ ବର୍ଷ ଶିବିର ଆୟୋଜିତ ହୋଇଆସୁଥିବା ସେ କହିଥିଲେ। ଖବରଦାତା ସମ୍ମିଳନୀରେ ମଞ୍ଚର ସାଧାରଣ ସମ୍ପାଦକ ରବିଶ ଜିନ୍ଦଲ, କୋଷାଧ୍ୟକ୍ଷ ଅଙ୍କିତ ଅଗ୍ରୱାଲ, କାର୍ଯ୍ୟକ୍ରମର ଅଧ୍ୟକ୍ଷ ସୁରଜ ବାପୋଡିଆ, ଅଜୟ ଶର୍ମା, ନିଖିଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

# ବିପଦସଙ୍କୁଳ ଓଭରହେଡ୍ କେବୁଲ

## ପ୍ରଶାସନ ନୀରବ, କାର୍ଯ୍ୟାନୁଷ୍ଠାନ ହେଉନି

ରାଉରକେଲା,୨୮।୧୦(ବିପ୍ଳବ ରଞ୍ଜନ ଦାଶ)

ସ୍ମାର୍ଟସିଟି ରାଉରକେଲାକୁ ଓଭରହେଡ୍ କେବୁଲ ମୁକ୍ତ କରିବାକୁ ନିଷ୍ପତ୍ତି ହେବାର ୭ ମାସ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ସହରର ଡେଲି ମାର୍କେଟ, କୋଏଲ ନଗର, ଛେଣ୍ଡ, ପାନପୋଷ, ବାସନ୍ତୀ କଲୋନୀ, ଉଦିତନଗର, ସିଭିଲ ଟାଉନଶିପ୍‌ରେ ମାଳ ମାଳ କେବୁଲ ବିପଦସଙ୍କୁଳ ଭାବେ ଝୁଲି ରହିଛି। ଏହା ସ୍ମାର୍ଟସିଟିର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି।

ରାଉରକେଲା ସହରରେ କେବୁଲ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ୭ ମାସ ତଳେ ହକି ବିଶ୍ୱକପ୍‌ର ୧୦ଦିନ ପୂର୍ବରୁ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଟିପିଡବ୍ଲ୍ୟୁଡିଏଲ୍ ନୋଡାଲ ଅଧିକାରୀଙ୍କ ସମେତ ୪ ମୁଖ୍ୟ କେବୁଲ ଅପରେଟର ସଂସ୍ଥା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ସହରକୁ ଓଭରହେଡ୍ କେବୁଲ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ପାନପୋଷରୁ ରେଲୱେ ଷ୍ଟେଶନ ଯାଏ ପ୍ରାଥମିକ ପର୍ଯ୍ୟାୟରେ ଭୂତଳ କେବୁଲ ବିଛାଇବାକୁ ଧାର୍ଯ୍ୟ ହୋଇଥିଲା । ଏଥିସହ ଅନ୍ୟ କେବୁଲ ଅପରେଟର ସଂସ୍ଥାଙ୍କୁ ବିଦ୍ୟୁତ ଖୁଣ୍ଟରେ କେବୁଲ ନ ଟାଣିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଖିଲାପ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସତର୍କ କରିଥିଲେ। ମାତ୍ର ଏଯାଏ ବିଦ୍ୟୁତ ଖୁଣ୍ଟରେ କେବୁଲଗୁଡିକ ଅସଜଡା ହୋଇ ଝୁଲୁଛି। ସହର ସାରା ବିଭିନ୍ନ ବିଦ୍ୟୁତ୍ ଖୁଣ୍ଟରେ


ରାଉରକେଲା ଡେଲି ମାର୍କେଟ ବିଦ୍ୟୁତ୍ ଖୁଣ୍ଟରେ କେବୁଲଗୁଡିକ ଅସୁରକ୍ଷିତ ଭାବେ ଝୁଲିରହିଛି।

ବୁଢୀଆଣି ଜାଲ ଭଳି କେବୁଲ ଝୁଲିବା ସହ ତଳେ ପଡିରହୁଛି। ସ୍ମାର୍ଟସିଟିରେ ହଜାର ହଜାର ବିଦ୍ୟୁତ୍ ଖୁଣ୍ଟ ଓ ଅନ୍ୟ ଖୁଣ୍ଟରେ କେବଳ ୪ ଅପରେଟର ସଂସ୍ଥା କେବୁଲ ଲଗାଇନାହାନ୍ତି, ବରଂ ବହୁ ଘରୋଇ ନେଟୱର୍କିଂ ସଂସ୍ଥା କେବୁଲ ଲଗାଇଛନ୍ତି। ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏ ସମ୍ପର୍କରେ ଉଦିତନଗର ବିଦ୍ୟୁତ ବିଭାଗ ଏସ୍‌ଡିଓ ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଲେ, ବିଦ୍ୟୁତ ଖୁଣ୍ଟରୁ କେବୁଲ ସମ୍ପୂର୍ଣ୍ଣ ଭାବେ ହଟାଯାଉଛି। ଅଧିକାଂଶ ଖୁଣ୍ଟରୁ କେବୁଲ ହଟାଯାଇ ସାରିଛି। ଲୋକମାନଙ୍କ ସୁରକ୍ଷାକୁ ଦୃଷ୍ଟି ଦେଇ ରାଉରକେଲା ସ୍ମାର୍ଟସିଟି ଓଭରହେଡ୍ କେବୁଲ ମୁକ୍ତ ହେବା ଦିଗରେ ପ୍ରୟାସ ଜାରି ରହିଥିବା ସାହୁ କହିଥିଲେ। ସେହିପରି ରାଉରକେଲା ଅତିରିକ୍ତ ଜିଲାପାଳ ଶୁଭଙ୍କର ମହାପାତ୍ର କହିଛନ୍ତି, ନିର୍ଦ୍ଦେଶକୁ ଅବମାନନା କରି ମନମୁଖି କେବୁଲ ବିଛାଉଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଉରକେଲା ସହର ଯେଭଳି ଓଭରହେଡ୍ କେବୁଲ ମୁକ୍ତ ହେବ ସେଥିପ୍ରତି ଧ୍ୟାନଦିଆଯିବବୋଲିମହାପାତ୍ରକହିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ଗୁରୁତର

କୁଚିଣ୍ଡା,୨୮।୧୦(ବିରଞ୍ଚି ଦର୍ଶା): ମହୁଲପାଲି ଥାନା ଅନ୍ତର୍ଗତ ଜରାବଗା ଗ୍ରାମର ମଦଭାଟି ବୁଲାଣିରେ ଶନିବାର ଜଣେ ବ୍ୟକ୍ତି ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବାମରା ବ୍ଲକ ଲରିଆପାଲି ପଞ୍ଚାୟତ ଖୋଲବିଲୁଙ୍ଗ ଗ୍ରାମର ମନୋରଞ୍ଜନ ଧୁରୁଆ(୪୫)। ସୂଚନା ଅନୁସାରେ, ସନ୍ଧ୍ୟାରେ ମନୋରଞ୍ଜନ ବାଇକ୍ ଯୋଗେ ଏକ ମୃଦଙ୍ଗ କିଣିବା ପାଇଁ ରେଙ୍ଗାଲି ବ୍ଲକର ଝାଙ୍କରପାଲି ଗ୍ରାମକୁ ଯାଉଥିଲେ। ଜରାବଗା ମଦଭାଟି ନିକଟ ବୁଲାଣିରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ତାଙ୍କର ଗୋଡ଼ ଭାଙ୍ଗି ଯାଇଥିଲା। ଗ୍ରାମର କେତେଜଣ ବ୍ୟକ୍ତି ମନୋରଞ୍ଜନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଗୋବିନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ଜିଲା ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ରେଳ ଧାରଣାରୁ ମୃତଦେହ ଜବତ

ସମ୍ବଲପୁର,୨୮।୧୦(ପ୍ରମୋଦ ବହିଦାର): ସମ୍ବଲପୁର ସହର ଉପକଣ୍ଠ ସରଲା ଓ ଶାସନ ରେଳ ଷ୍ଟେଶନ ମଧ୍ୟସ୍ଥ ରେଳ ଧାରଣାରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଶନିବାର ରେଳବାଇ ପୋଲିସ ଜବତ କରିଛି। ସକାଳେ ରେଳଧାରଣା କଡ଼ରେ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ କୌଣସି ଏକ ଟ୍ରେନ୍‌ରୁ ଖସିପଡ଼ି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ଏହାକୁ ନେଇ ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଗୋଷ୍ଠୀକେନ୍ଦ୍ର ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳ

ସମ୍ବଲପୁର,୨୮।୧୦(ବି.ଶଙ୍କର): ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ସରକାରୀ ଅନୁଦାନରେ ନିର୍ମିତ ଗୋଷ୍ଠୀ କେନ୍ଦ୍ର ଅସାମାଜିକ ତତ୍ତ୍ୱଙ୍କ ଅଡ୍ଡାସ୍ଥଳ ପାଲଟିଛି। ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଉଛି। ବିଭିନ୍ନ ବସ୍ତି ଅଞ୍ଚଳରେ ଲୋକଙ୍କୁ ଖୁସି କରିବା ତଥା ଦଳୀୟ ଠିକାଦାରଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ କମ୍ୟୁନିଟି କେନ୍ଦ୍ର ନିର୍ମାଣ ହୋଇଛି। ଗୋବିନ୍ଦତୋଳା ଅଞ୍ଚଳରେ ବିଧାୟକ ପାଣ୍ଠିରେ ତିଆରି ହୋଇଥିବା ଗୋଷ୍ଠୀକେନ୍ଦ୍ରରେ ମାଦକ ଦ୍ରବ୍ୟ କରବାର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସଞ୍ଜ ନଇଁଲେ ଅନ୍ଧାର ଭିତରେ ଯୁବଗୋଷ୍ଠୀଙ୍କ ଆପରାଧିକ କାର୍ଯ୍ୟ ଆରମ୍ଭ ହୋଇଥାଏ। ସେହିପରି ହନୁମାନ ମନ୍ଦିର ପାଖରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅନୁଦାନ ପାଣ୍ଠିରୁ ଜଣେ ଠିକାଦାରଙ୍କ ମାଧ୍ୟମରେ ମାନେଶ୍ୱର ପଞ୍ଚାୟତ ସମିତି ଦ୍ୱାରା ନିର୍ମିତ ହୋଇଛି ଗୋଷ୍ଠୀ ବିକାଶ କେନ୍ଦ୍ର। ଏହି କେନ୍ଦ୍ରଟି ମଧ୍ୟ ଯୁବ ଗୋଷ୍ଠୀଙ୍କ ଅସାମାଜିକ କାର୍ଯ୍ୟର ପେଣ୍ଠସ୍ଥଳୀ ହୋଇଛି। ସ୍ଥାନୀୟ ଲୋକେ ବାରଣ କରିବା ସତ୍ତ୍ୱେ ସେମାନେ ଶୁଣୁ ନ ଥିବା କହିଛନ୍ତି। ଏ ନେଇ କିଛିଦିନ ପୂର୍ବରୁ ଧନୁପାଲି ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ଆପରାଧିକ କାର୍ଯ୍ୟ ଘଟିବା ଆଶଙ୍କା କରି ଗୋବିନ୍ଦତୋଳା ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଜିଲା ପ୍ରଶାସନ କିମ୍ବା ପୋଲିସ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଦେବାକୁ ସାଧାରଣରେ ଦାବି ହେଉଛି ।

# ସୂଚନାର ଗତି ଓ ତୀବ୍ରତା ବଢ଼ିଛି

ସମ୍ବଲପୁର,୨୮।୧୦(ବି.ଶଙ୍କର)

## ଭାରତୀୟ ପେସାଦାର ସାମ୍ବାଦିକ ମହାସଂଘ ପ୍ରତିଷ୍ଠା ଦିବସ



ଆଇଏଫ୍‌ଡବ୍ଲ୍ୟୁଜେର ପ୍ରତିଷ୍ଠା ଦିବସରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଭାରତୀୟ ପେସାଦାର ସାମ୍ବାଦିକ ମହାସଂଘ (ଆଇଏଫ୍‌ଡବ୍ଲ୍ୟୁଜେ)ର ୭୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଜିଲା ସଂଘ ସଭାପତି ସୁଭାଷ ଚନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଭଲ କାମ ଓ ବ୍ୟବହାର କଲେ ସବୁସ୍ତରରେ ସମ୍ମାନ ମିଳିବ। ପଦପଦବୀ ରହିବ, ହେଲେ ସାମାଜିକ ସମ୍ମାନ ଓ ସ୍ୱୀକୃତି ଦୀର୍ଘ ସ୍ଥାୟୀ । ଖବରଦାତାଙ୍କ ମଧ୍ୟରେ ଏକତା ଆଧାରିତ ମନୋଭାବ ନିହାତି ଜରୁରୀ। ଏହା ସମାଜର ସବୁ କ୍ଷେତ୍ରକୁ ପଥ ପ୍ରଦର୍ଶନ କରିବାରେ ସହାୟକ ହେବ। ଗଣମାଧ୍ୟମ ମୁଦ୍ରଣରୁ ବୈଦ୍ୟୁତିକ ପ୍ରଣାଳୀ ଦେଇ ୱେବ୍‌ରେ ପହଞ୍ଚିଛି। ସୂଚନାର ଗତି ଓ ତୀବ୍ରତା ବଢ଼ିଛି। ଏହି ଆହ୍ୱାନ ସହ ତାଳଦେଇ ଆଗକୁ ବଢ଼ିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝି ତାଙ୍କ ବକ୍ତବ୍ୟରେ ସମାଜକୁ ଶୃଙ୍ଖଳିତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଏହାଦ୍ୱାରା ସମସ୍ତେ ଉପକୃତ ହେବେ ବୋଲି ସେ କହିଥିଲେ। ପ୍ରାରମ୍ଭରେ ସଂଘ ଉପସଭାପତି କିଶୋର କୁମାର ସାହୁ ସ୍ୱାଗତ ଭାଷଣ ଏବଂ ଖବରଦାତା ଶିବଶଙ୍କର ନନ୍ଦ ଦେଶ ଗଠନରେ ସାମ୍ବାଦିକଙ୍କ ଭୂମିକା ଓ ସାମ୍ବାଦିକ ମହାସଂଘର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅର୍ଜୁନ ରଞ୍ଜନ ପଣ୍ଡା, ଅଶୋକ କୁମାର ବିଶି, ଗୋରେଖନାଥ ସାହୁ (ସୁବର୍ଣ୍ଣପୁର), ହରିହର ନାଥ, ଅଞ୍ଜନୀ ଶର୍ମା (ଝାରସୁଗୁଡା), ଦେବଦତ୍ତ ପଣ୍ଡା (ସମ୍ବଲପୁର) ଏବଂ କୃତୀ ସ୍ଥପତି ମିଳନ ରାୟଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଂଘ ସାଧାରଣ ସମ୍ପାଦକ ଶଙ୍କର ବେହେରା, ସଦସ୍ୟ ଅନିଲ ଶ୍ରୀରାମକା, ପ୍ରୀତି ସୁନା ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ଦ୍ୱାରା ଭିନ୍ନକ୍ଷମଙ୍କୁ ଉପକରଣ ବଣ୍ଟନ



ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଉଛି।

ସମ୍ବଲପୁର,୨୮।୧୦(ବି.ଶଙ୍କର)

ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ସମ୍ବଲପୁର ଜିଲା ଠେଲକୋଲୋଇ ଗ୍ରାମ ପଞ୍ଚାୟତରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଠେଲକୋଲୋଇ ଓ ଧୁବେନଞ୍ଚାପାଲ ରାଜସ୍ୱ ଗ୍ରାମର ଭିନ୍ନକ୍ଷମମାନଙ୍କୁ ହୁଇଲ ଚେୟାର, ଟ୍ରାଇସାଇକେଲ୍, କ୍ରଚ, ଅକ୍ଷମତା ପାଇଁ ୱାକର, ଶ୍ରବଣ ସହାୟତା ଇତ୍ୟାଦି ପ୍ରଦାନ କରାଯାଇଥିଲା। ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ଆକାଂକ୍ଷା ମହିଳା କ୍ଲବ ସଭାନେତ୍ରୀ ନୀଲମ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସାମଗ୍ରୀ ବଣ୍ଟନ କରିଥିଲେ। ଠେଲକୋଲୋଇ ସରପଞ୍ଚ ଅବନ୍ତୀ ନାୟକ, କମ୍ପାନୀ ସିଏସ୍‌ଆର୍ ମୁଖ୍ୟ ବିଶାଲ ରାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆକାଂକ୍ଷା ମହିଳା କ୍ଲବ କର୍ମକର୍ତ୍ତା, ସିଏସ୍‌ଆର୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ ।

# ବୁଥ୍‌ରେ ସ୍ଥାନ ପାଇବ ଶ୍ରେଷ୍ଠ ଚିତ୍ରକରଙ୍କ ଚିତ୍ରକଳା

## ସମ୍ବଲପୁରରେ ପଥ ଉତ୍ସବ, ୱାକାଥନ

ସମ୍ବଲପୁର,୨୮।୧୦(ପ୍ରମୋଦ ବହିଦାର)

ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ–୨୦୨୪କୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଶନିବାର ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ପଥ ଉତ୍ସବ ୱାକାଥନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନେଲସନ ମଣ୍ଡେଲା ଛକରେ ଅନୁଷ୍ଠିତ ଉତ୍ସବରେ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ସଚେତନତା ବାର୍ତ୍ତା ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପଥପ୍ରାନ୍ତ ନାଟକ, ନୃତ୍ୟ ସହିତ ରଙ୍ଗୋଲି, ଚିତ୍ରକଳା, ସାମରିକ କଳା ପ୍ରତିଯୋଗିତା, ଭୋଟ୍ ପଞ୍ଜିକରଣ ତଥା ଦସ୍ତଖତ ଅଭିଯାନ ଆଦି କାର୍ଯ୍ୟକ୍ରମ ଜରିଆରେ ଭୋଟଦାନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ବିଶେଷ କରି ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବ ତଥା ନୂତନ ଭୋଟରଙ୍କୁ ଆସନ୍ତା ନିର୍ବାଚନରେ ଭୋଟ ଦେବା ଅଧିକାର ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସକାଳ ସାଢ଼େ ୭ଟା ସମୟରେ ଏକ ସଚେତନତା ଶୋଭାଯାତ୍ରା ଜିଲା ସ୍କୁଲ ଛକରୁ ବାହାରି ନେଲସନ ମଣ୍ଡେଲା ଛକରେ ପହଞ୍ଚିଲା। ପରେ ଏଠାରେ ପଥ ଉତ୍ସବ ଆରମ୍ଭ ହୋଇଥିଲା। ଏହି ଅବସରରେ ଜିଲାପାଳ ଅନନ୍ୟା ଦାସ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଏଠାରେ ପ୍ରଦର୍ଶିତ ଶ୍ରେଷ୍ଠ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ଆଗାମୀ ନିର୍ବାଚନରେ ବିଭିନ୍ନ ବୁଥ୍‌ରେ ସ୍ଥାନ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ନିର୍ବାଚନ ଭଳି ସାମ୍ବିଧାନିକ ପ୍ରକ୍ରିୟାରେ ସମସ୍ତେ ସାମିଲ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସାମିଲ ହେବା ଦିଗରେ ପ୍ରୋତ୍ସାହିତ କରିବାକୁ ଜିଲାପାଳ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ, ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଓ ସାଧାରଣ ଜନତା ସାମିଲ ହୋଇଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

### ମହିଳା ମହାବିଦ୍ୟାଳୟରେ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୮।୧୦(ପ୍ରମୋଦ ବହିଦାର): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳରେ ଶନିବାର ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଇନର୍ ହ୍ୱିଲ୍ କ୍ଲବ ଓ ମାରୱାଡ଼ି ମହିଳା ସମିତି କ୍ଷେତରାଜପୁରର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଅଙ୍ଗଦାନ ଓ କୋଷ ପ୍ରତିରୋପଣ ସଂଗଠନର ସଂଯୋଜକ ସୁମନ କୁମାର ସିଂ ଯୋଗଦେଇ ଅଙ୍ଗଦାନର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ଅବଗତ କରାଇ ଅଙ୍ଗଦାନ ପ୍ରତି ଉତ୍ସାହିତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଇନର୍ ହ୍ୱିଲ କ୍ଲବର ଅଧ୍ୟକ୍ଷା ସୁନୀତା ଅଗ୍ରୱାଲ, ସମ୍ପାଦିକା ଲକ୍ଷ୍ମୀ ମହାରଣା, ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମିତି କାର୍ଯ୍ୟକାରୀ ଅଧ୍ୟକ୍ଷା ତଥା ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷା ପ୍ରେମା ପନସାରୀ, କ୍ଷେତରାଜପୁର ମାରୱାଡ଼ି ମହିଳା ସମିତିର ରକ୍ତଦାନ, ନେତ୍ରଦାନ, ଅଙ୍ଗଦାନ ଅଭିଯାନ ମୁଖ୍ୟ ସୁଶିଳା ଫାରମାନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବା ପ୍ରେରଣା ଶିବିର ଉଦ୍‌ଯାପିତ



ଶିବିରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୨୮।୧୦(ବି.ଶଙ୍କର): ସ୍ୱାମୀ ବିବେକାନନ୍ଦ କେନ୍ଦ୍ର ସମ୍ବଲପୁର ଶାଖା ପକ୍ଷରୁ ଯୁବା ପ୍ରେରଣା ଶିବିର ଧନୁପାଲିସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ସମ୍ବଲପୁର ସମେତ ରାଉରକେଲା, ଝାରସୁଗୁଡ଼ା, ଦେବଗଡ଼, ବରଗଡ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ୬୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟତଃ ଯୋଗାସନ, ଭଜନ କୀର୍ତ୍ତନ ସହ ଶାରୀରିକ, ମାନସିକ, ବୌଦ୍ଧିକ, ନୈତିକ, ଆଧାତ୍ମିକ ତଥା ରାଷ୍ଟ୍ର ଗଠନମୂଳକ ଶିକ୍ଷା ପ୍ରଦାନ କରାଯାଇଥିଲା। ଗତ ୨୫ ତାରିଖରେ ଆରମ୍ଭ ହୋଇଥିବା ଶିବିରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଉପାଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପୁରୁଷୋତ୍ତମ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ପ୍ରାନ୍ତ ସହସଂଗଠକ କାଞ୍ଚନ ଅଗ୍ରୱାଲ, ବିବେକାନନ୍ଦ କେନ୍ଦ୍ର ଓଡ଼ିଶା ସେବା ପ୍ରକଳ୍ପ ଆମଲିପାଣି (ଯୁଯୁମୁରା) ସଙ୍ଗଠକ ପ୍ରଭାରୀ ପ୍ରତାପ ପ୍ରଧାନ, ଓଡ଼ିଶା ପ୍ରାନ୍ତ ସଙ୍ଗଠକ ରବି ନାଇଡୁ, ସମ୍ବଲପୁର କେନ୍ଦ୍ର ନଗର ସଞ୍ଚାଳକ ଡ. ମୁରଲୀ ପ୍ରେମନାଥ ନାୟକ, ସହନଗର ସଞ୍ଚାଳକ ଦେବେନ୍ଦ୍ର ପଣ୍ଡା, ନଗର ପ୍ରମୁଖ ବସନ୍ତ ଦାସ, ସହନଗର ପ୍ରମୁଖ ସତ୍ୟ ନାରାୟଣ ପଣ୍ଡା ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# କୋଇଲା ଖନନ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ଏମ୍‌ସିଏଲ୍‌ର ପଦକ୍ଷେପ

ସମ୍ବଲପୁର,୨୮।୧୦(ପ୍ରମୋଦ ବହିଦାର)

ଉତ୍ପାଦନ ବୃଦ୍ଧି ସକାଶେ ଏମ୍‌ସିଏଲ୍ ଅଧୀନ ବିଭିନ୍ନ ଖଣିରେ କୋଇଲା ଖନନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ଖଣିଗୁଡ଼ିକରେ କୋଇଲା ଖନନରେ ବ୍ୟବହୃତ ହେଉଥିବା ଭାରିଯାନ ଉପରେ ନଜର ରଖିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ସ୍ୱରୂପ ରିଏଲ୍ ଟାଇମ୍ ଇକ୍ୟୁପମେଣ୍ଟ ହେଲ୍‌ଥ ମନିଟରିଂ ସିଷ୍ଟମ ନାମକ ଏକ ଅତ୍ୟାଧୁନିକ ଯନ୍ତ୍ର ସ୍ଥାପନ କରାଯାଇଛି। ଏହାକୁ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂ ଉଦ୍‌ଘାଟନ କରିଛନ୍ତି। ଅହମ୍ମଦାବାଦର ୟୁସିଟିଏଲ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀର ମିଳିତ ସହଯୋଗରେ ଏହି ଅତ୍ୟାଧୁନିକ ଯନ୍ତ୍ରକୁ ସ୍ଥାପନ କରାଯାଇଛି। ଏହି ଯନ୍ତ୍ର ତ୍ରୁଟି ଦେଖାଦେଇ ଅଟକି ରହିଥିବା ଭାରିଯାନ ତଥା ଯନ୍ତ୍ରପାତିକୁ ଠାବ କରିବା ସହ ତୁରନ୍ତ ମରାମତି କରିବାରେ ସହାୟକ ହେବ। ଏହାସହିତ ଭାରିଯାନ ଓ ଯନ୍ତ୍ରପାତିର ରକ୍ଷଣାବେକ୍ଷଣକୁ ତ୍ୱରାନ୍ୱିତ କରି ଏଗୁଡ଼ିକର ଦୀର୍ଘ ଓ ସର୍ବୋଚ୍ଚ କାର୍ଯ୍ୟଦକ୍ଷତାକୁ ନିଶ୍ଚିତ କରାଇ ପାରିବ। ଏହାଛଡା କୋଇଲା ଖଣି ଅଞ୍ଚଳରୁ ନିର୍ଗତ କାର୍ବନକୁ ହ୍ରାସ କରି ସବୁଜ ବଳୟରେ ପରିଣତ କରିବାରେ ମଧ୍ୟ ଅନେକାଂଶରେ ସହାୟକ ହେବ ବୋଲି କୁହାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପି.କେ. ପଟେଲ, ବୈଷୟିକ ନିର୍ଦ୍ଦେଶକ ଜେ.କେ. ବୋରା, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହେରା, ବୈଷୟିକ, ପ୍ରକଳ୍ପ ଓ ଯୋଜନା ନିର୍ଦ୍ଦେଶକ ଏସ୍. ବାପଟ୍ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା କମ୍ପାନୀ ଅଧିକାରୀମାନେ।

### ଇଞ୍ଜିନିୟର୍ସ ସଂଘର ବାର୍ଷିକ ସାଧାରଣ ସଭା

ସମ୍ବଲପୁର,୨୮।୧୦(ପ୍ରମୋଦ ବହିଦାର): ଓଡ଼ିଶା ଇଞ୍ଜିନିୟର୍ସ ସେବା ସଂଘ ସମ୍ବଲପୁର ଶାଖାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବୁର୍କ୍ସହିଲ୍‌ସ୍ଥିତ ସଂଘ କାର୍ଯ୍ୟାଳୟରେ ସଭାପତି ଗୋପାଳ ସ୍ୱରୂପ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର ରାଜ୍ୟ ସଭାପତି ଶ୍ରୀକାନ୍ତ ମହାପାତ୍ର ମୁଖ୍ୟଅତିଥି ଓ ମହାମଣ୍ଡଳ ସମ୍ପାଦକ ହେମନ୍ତ ମହାପାତ୍ର, ଉପଦେଷ୍ଟା ପ୍ରସନ୍ନ ସାମନ୍ତରାୟ, ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ସଞ୍ଜୀବ ପାତ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଇଂ ରସାନନ୍ଦ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂଘ ସମ୍ପାଦକ ଇନ୍ଦ୍ରମଣୀ ସାହୁ ସ୍ୱାଗତ ଭାଷଣ ଓ ଶେଷରେ ସଂଘ ଉପସଭାପତି ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ହକି ଟୁର୍ନାମେଣ୍ଟ: ଗୋସନାର ୟୁଥ୍ କ୍ଲବ ଚାମ୍ପିୟନ

ନାକଟିଦେଉଳ,୨୮।୧୦(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକ ପାଣିମୁରା ଗ୍ରା.ପ. ସାହାଜବାହାଳ ଡାଙ୍ଗଡେକାଠାରେ ପ୍ରେମଚାନ୍ଦ କ୍ଲବ ପକ୍ଷରୁ ଚାଲିଥିବା ତୃତୀୟ ଥିଓଫିଲ ଲାକ୍ରା ସ୍ମାରକୀ ହକି ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୫ରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ମୋଟ ୨୭ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଯୁଯୁମୁରା ବ୍ଲକ ତିଲେଇମାଳର ଗୋସନାର ୟୁଥ୍ କ୍ଲବ ଓ ପୁରୁଣାପାଣି ଏନ୍‌ଏସ୍ ଏଚ୍‌ସି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋସନାର ୟୁଥ କ୍ଲବ ପେନାଲଟି ସୁଟ ଆଉଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବିଜୟୀ ଦଳର ନିର୍ମଳ ମିଞ୍ଜ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଓ ଅରୁଣ ମିଞ୍ଜ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚକୁ ସନ୍ତୋଷ ଖାଖା, ଆଶିଷ ଖେସ, ୱାରଦୀପ କେରକେଟା, ନୀତେଶ କିଣ୍ଡୋ, ସାରୋଜ କିଣ୍ଡୋ ଏବଂ ଆଶିଷ ଖାଲକୋ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ହକି କମିଟି ସଭାପତି ପ୍ରଫେସର ପ୍ରକାଶ ସୋରେଙ୍ଗ ଅଧ୍ୟକ୍ଷତା କରିଥିଲେ। ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି ଓ ପାଣିମୁରା ସରପଞ୍ଚ ଜଗବନ୍ଧୁ ପ୍ରଧାନ, ସମିତିସଭ୍ୟ ମାନସ କୁଅଁର, କୃଷି ଅଧିଦର୍ଶକ କାଶୀନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ପ୍ରେମଚାନ୍ଦ କ୍ଲବର ସଭାପତି ନିମହାସ ଲାକ୍ରା, ସମ୍ପାଦକ ଏଲିଆଜାର ମାର୍କି, ଆଶିଷ ଲାକ୍ରା, ସଞ୍ଜୀବ ଖାଖା, ଈଶ୍ୱର ଦାସ ମାର୍କି, ବିଜବୁଲ ଲାକ୍ରା ସହଯୋଗ କରିଥିଲେ ।

# ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟର ସଚେତନତା

ରେଢାଖୋଲ,୨୮।୧୦(ଅଚ୍ୟୁତାନନ୍ଦ ପୁରୋହିତ)

୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ଏ ପରିପେକ୍ଷୀରେ ରେଢାଖୋଲ ଉପଖଣ୍ଡ ପ୍ରଶାସନ ତରଫରୁ ଭୋଟର ତାଲିକାରେ ସଂକ୍ଷିପ୍ତ ସଂଶୋଧନ ପାଇଁ ଶନିବାର ସହରର ବିଭିନ୍ନ ସ୍ଥାନରେ ପାଲା, ଦାସକାଠିଆ ଓ ଦଣ୍ଡନୃତ୍ୟ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଭୀମଭୋଇ କଲେଜ ଓ ମହିଳା କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କଦମ୍ବ ପଡିଆଠାରେ ଛାତ୍ରୀମାନଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ଆୟୋଜିତ ସଭାରେ ନୂତନ ଭାବେ ଯୋଗଦେଇଥିବା ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଚେତନତା ସଭାକୁ ଶିକ୍ଷକ ଜୟନ୍ତ ମାହାର ସଂଯୋଜନା କରିଥିବାବେଳେ ଏନ୍‌ଏସି ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ, ଡେପୁଟି କଲେକ୍ଟର ଝରଣା ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ଅଜିତ ଦେହୁରି, ସାରଦା ମହାରଣା, ଥାନା ଅଧିକାରୀ ସବିତାବାଳା ସେଠୀ, ଏସ୍‌ଡିପିଓ ଗଜେନ୍ଦ୍ର ବାରିକ, ମହିଳା କଲେଜ ଅଧକ୍ଷା ମମତା ବିଶ୍ୱାଳ, ଭୀମଭୋଇ କଲେଜ ଅଧ୍ୟାପକ ଅଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କୌଣସି ମତଦାତା ଯେପରି ଭୋଟର ତାଲିକାରୁ ବାଦ ନ ପଡନ୍ତି ତାହା କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉପଜିଲାପାଳ କହିଥିଲେ।


ଶୋଭାଯାତ୍ରାରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ନୂତନ ଭୋଟର ସାମିଲକରିବା ଉପରେ ଗୁରୁତ୍ୱ

## ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

କୁଚିଣ୍ଡା,୨୮।୧୦(ବିରଞ୍ଚି ଦର୍ଶା)

ରାଜ୍ୟ ନିର୍ବାଚନ ଆୟୋଗଙ୍କ ଆଦେଶକ୍ରମେ ଗତ ୨୭ରୁ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଡିସେମ୍ବର ୯ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଶନିବାର କୁଚିଣ୍ଡା ପ୍ରଶାସନ ପକ୍ଷରୁ ଏକ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। କୁଚିଣ୍ଡା କଲେଜରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମକୁ କୁଚିଣ୍ଡା ବିଡିଓ ଆରୁଗୁଲା ସ୍ନେହା ଉଦ୍‌ଘାଟନ କରିଥିଲେ। ପରେ ପୁରୁଣା ବସ୍‌ଷ୍ଟାଣ୍ଡରେ ହୋଇଥିବା ସଭାରେ ବିଡିଓ ସ୍ନେହା ମୁଖ୍ୟ ଅତିଥି, କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ, ସହକାରୀ ଜିଲାପାଳ ଭାସ୍କର ଚନ୍ଦ୍ର ବେହେରା ଓ ଲୋଚନ ଶବର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, କଲେଜ ପ୍ରାଧ୍ୟାପକ ଡ. ଅମିୟ କୁମାର ପାତ୍ର, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, କସ୍ତୁରୀ ଚଳଚ୍ଚିତ୍ର ଅଭିନେତା ସଞ୍ଜୟ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧାର୍ଯ୍ୟ ତାରିଖ ମଧ୍ୟରେ ଭୋଟର ତାଲିକା ତ୍ରୁଟି ସଂଶୋଧନ, ପ୍ରସ୍ତାବିତ ନୂତନ ଭୋଟରଙ୍କୁ ସାମିଲ କରିବା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହିଅବସରରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ କୁଚିଣ୍ଡା କଲେଜରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମାକରି ପୁରୁଣା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ପରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କୁଚିଣ୍ଡା କଲେଜ ଓ ମହିଳା କଲେଜର ଏନ୍‌ଏସ୍‌ଏସ୍, ରେଡ୍‌କ୍ରସ୍, ସମସ୍ତ ବିଏଲ୍‌ଓ ସାମିଲ ହୋଇଥିଲେ। ଭୋଟର ସଂଶୋଧନ ସଚେତନତା ପାଇଁ ଉଭୟ କଲେଜରେ ହୋଇଥିବା ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଳୟ ବେହେରା ସଞ୍ଚାଳନ କରିଥିବା ବେଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ମୁକ୍ତାକାଶ ରଙ୍ଗମଞ୍ଚରେ ମୁରାସୁର ଦରବାର

**ଅମରପାଲି,୨୮।୧୦(ପୀତାମ୍ବର ସାହୁ)**


ମା' ଗଜଲକ୍ଷ୍ମୀଙ୍କ ମେଢ଼।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୪୧ ବର୍ଷରେ ପହଞ୍ଚିଛି। ପୂଜା ପରିଚାଳନା ପାଇଁ ଏକ ପରିଚାଳନା କମିଟି ଗଠିତ ହୋଇଛି। ସର୍ବସମ୍ମତି କ୍ରମେ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁଙ୍କୁ ପରିଚାଳନା କମିଟିର ସଭାପତି ଭାବେ ମନୋନୀତ କରାଯାଇଛି। ଏହାସହିତ ଧନଞ୍ଜୟ ସାହୁଙ୍କୁ ଉପସଭାପତି, ତ୍ରୟଞ୍ଜିବ ମିଶ୍ର ସମ୍ପାଦକ, ବିଦ୍ୟାଧର ଖୁର୍ଡିଆ ସହ ସମ୍ପାଦକ, ସତ୍ୟମୋହନ ବେଦପାଣି କୋଷାଧ୍ୟକ୍ଷ ଏବଂ ରାଜଗୋପାଳ ପାଣିଗ୍ରାହୀ ଓ କୁଶ କୁମାର ସାହୁଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ପୂଜା ପାଇଁ ସାଜସଜ୍ଜା, ତୋରଣ ଓ ଆଲୋକ ସଜ୍ଜା କାମ ସଂପୂର୍ଣ୍ଣ ହୋଇସାରିଛି। ଶନିବାର ଦିନ କଳସ ଶୋଭାଯାତ୍ରା କରାଯାଇ ଜଳ ପୂର୍ଣ୍ଣ କଳସ ପୂଜା ମଣ୍ଡପ, ରାମାୟଣ ପାରାୟଣ ମଣ୍ଡପ, ହନୁମାନ ମଣ୍ଡପ ଓ ଯଜ୍ଞ ମଣ୍ଡପ ରେ ସ୍ଥାପନ କରାଯାଇଛି। ପୂଜା ମଣ୍ଡପ ସ୍ଥଳରୁ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପୋଖରୀକୁ ଯାଇ ଜଳପୂର୍ଣ୍ଣ କଳସ ଅଣାଯାଇଥିଲା। ଶୋଭାଯାତ୍ରା ସମୟରେ ମହିଳା ସଙ୍କୀର୍ତ୍ତନ, ଦୁଲଦୁଲି ଆଦି ପରିବେଷଣ କରାଯାଇଥିଲା। ରବିବାରଠାରୁ ପୂଜା ଆରମ୍ଭ ହେବ। ଏଥିରେ ପଣ୍ଡିତ ସଚ୍ଚିଦାନନ୍ଦ ପଣ୍ଡା ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିବେ। ଲକ୍ଷ୍ମୀଙ୍କ ପୂଜା ମଣ୍ଡପରେ ଉତ୍ତର କୁମାର ନାଏକ ଓ ରୀନା ପ୍ରଧାନ, ରାମାୟଣ ପାରାୟଣ ମଣ୍ଡପରେ ସନତ କୁମାର ସିଂ ଓ ସ୍ନେହଲତା ସିଂ, ହନୁମାନ ମଣ୍ଡପ ଓ ଯଜ୍ଞ ମଣ୍ଡପରେ ସହଦେବ ମହାକୁର (ମନ୍ତ୍ରୀ) ଓ ବୀଣାପାଣି ମହାକୁର ସପତ୍ନିକ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ରବିବାରଠାରୁ ପ୍ରତିଦିନ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ମୁରାସୁର ଦରବାର ହେବ। ଏଥିରେ ଅନ୍ତର୍ଡ଼ା (ବିନିକା)ର ଗୋପାଳ ପଣ୍ଡା ମୁରାସୁର ଭୂମିକାରେ ଅଭିନୟ କରିବେ। ଏହାବ୍ୟତୀତ ୨୯ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ରାମାୟଣ ପାରାୟଣ ହେବ। ଏଥିରେ କଳହାଣ୍ଡିର ଅଜିତ ଦାସ ବ୍ୟାସ ଭାବେ ଯୋଗଦେଇ ରାମାୟଣ ପାଠ କରିବେ। ୨୯ ତାରିଖରେ ମା' ଶିବାନୀ ମହିଳା ଦଣ୍ଡ ନୃତ୍ୟ ପରିବେଷଣ ହେବ। ନଭେମ୍ବର ୨ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଅପେରା ହେବା ପାଇଁ ସ୍ଥିର ହୋଇଛି। ମେଳାକୁ ଆକର୍ଷଣୀୟ କରିବା ପାଇଁ ମୀନବଜାର ସାଙ୍ଗକୁ ଘରକରଣା ସାମଗ୍ରୀ ଦୋକାନ ଓ ଚଟପଟି ଖାଦ୍ୟର ପସରା ଲାଗିବ। ନଭେମ୍ବର ୭ ତାରିଖ ଦିନ ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ଓ ଆଧୁନିକ ନୃତ୍ୟ, ଘଣ୍ଟବାଦ୍ୟ, ଦୁଲଦୁଲି, ମହିଳା ସଙ୍କୀର୍ତ୍ତନ ଆଦି ସାମିଲ ହେବ ବୋଲି ଜଣାପଡିଛି।

**୪୧ ବର୍ଷରେ ମୁର୍ଷୁଣ୍ଡି ଗଜଲକ୍ଷ୍ମୀ ପୂଜା**

**୧୧ ଦିନ ଧରି ହେବ ପୂଜା ମହୋତ୍ସବ**

## ସେମାନେ କହନ୍ତି...



"ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ୪୧ ବର୍ଷରେ ପହଞ୍ଚିଛି। ସବୁ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇଛି। ସମସ୍ତଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଶାନ୍ତିଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ହେବାର ଆଶା ରଖୁଛୁ।

**ଲବ କୁମାର ସାହୁ(ସଭାପତି)**



"ଏଥର ପୂଜା ପାଇଁ ପ୍ରାୟ ୨୫ରୁ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଆକର୍ଷଣୀୟ ସାଜସଜ୍ଜା, ସୁଉଚ୍ଚ ମେଢ଼, ରଙ୍ଗୀନ ଆଲୋକ, ମୁରସୁର ଦରବାର ,ଅପେରା, ଦଣ୍ଡ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଦର୍ଶକ ଭରପୁର ମନୋରଞ୍ଜନ ପାଇବେ।

**ସତ୍ୟମୋହନ ବେଦପାଣି (କୋଷାଧ୍ୟକ୍ଷ)**



"ମୁର୍ଷୁଣ୍ଡିର ଗଜଲକ୍ଷ୍ମୀ ପୂଜା ଦେଖିବାକୁ ପ୍ରତିବର୍ଷ ପ୍ରବଳ ଜନସମାଗମ ହୋଇଥାଏ। ଦିନବେଳା ରାମାୟଣ ପାରାୟଣ ଓ ରାତିରେ ମୁକ୍ତାକାଶ ରଙ୍ଗମଞ୍ଚରେ ମୁରସୁର ଦରବାର ବେଶ ଆକର୍ଷଣୀୟ।

**ତ୍ରୟଞ୍ଜିବ ମିଶ୍ର(ସମ୍ପାଦକ)**



"ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ବ୍ରତାଧାରୀ ନିଷ୍ଠା ଓ କାଷ୍ଠାର ସହିତ ପୂଜାରେ ବ୍ରତ ଧାରଣ କରିଥାନ୍ତି। ସକାଳେ ପୂଜା, ହୋମ, ପୁଷ୍ପାଞ୍ଜଳି ଆଦି ହୋଇଥାଏ। ସନ୍ଧ୍ୟା ବେଳେ ସନ୍ଧ୍ୟା ଆଳତି ହୋଇଥାଏ। ସନ୍ଧ୍ୟା ଦର୍ଶନ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି।

**ରାଜଗୋପାଳ ପାଣିଗ୍ରାହୀ(ଉପଦେଷ୍ଟା)**

# ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଭିନ୍ନକ୍ଷମ ଯୁବତୀ

**ଲୋଇସିଂହା,୨୭।୧୦(ସୁଶାନ୍ତ ବାରିକ)**


ଭିନ୍ନକ୍ଷମ ଗୌରୀ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତ ଅନ୍ତର୍ଗତ ଛତାବାହାଲ ଗ୍ରାମର ଭିନ୍ନକ୍ଷମ ଯୁବତୀ ଗୌରୀ ପଧାନ(୨୫)। ୭୭ ପ୍ରତିଶତ ଭିନ୍ନକ୍ଷମ ଚିହ୍ନଟ ପରେ ବି ତାଙ୍କୁ ମିଳିନି ବର୍ଦ୍ଧିତ ଭତ୍ତା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଗୌରୀ ଆବେଦନ କରିବା ୩ମାସ ବିତି ଯାଇଥିଲେ ସୁଦ୍ଧା ବର୍ଦ୍ଧିତ ଭତ୍ତା ମଞ୍ଜୁର ହୋଇନାହିଁ । ୬୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ୭ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଉଥିବା ବେଳେ ତାଙ୍କୁ ଏଥିରେ ସାମିଲ କରାଯାଇ ନ ଥିବା ଗୌରୀ କହିଛନ୍ତି। ଛତାବାହାଲ ଗ୍ରାମର ଚିନିପାଣି ପଧାନ ଓ ପ୍ରସନ୍ନ ପଧାନଙ୍କ ଝିଅ ଗୌରୀ ଜନ୍ମରୁ ଶ୍ରବଣ ବାଧିତ । ଭିନ୍ନକ୍ଷମଙ୍କ ପାଇଁ ଭତ୍ତା ବ୍ୟବସ୍ଥା ଥିଲେ ସୁଦ୍ଧା ପ୍ରଶାସନିକ ଅବହେଳାରୁ ସେ ଦୀର୍ଘ ଵର୍ଷ ଧରି ଏଥିରୁ ବଞ୍ଚିତ ରହିଥିଲେ । ୩ ବର୍ଷ ତଳେ ୫ ଶହ ଟଙ୍କା ଭତ୍ତା ପାଉଛନ୍ତି। ଗତ ଅଗଷ୍ଟ ମାସରେ ବ୍ଲକରେ ଆୟୋଜିତ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମେଡିକାଲ ବୋର୍ଡ କମିଟି ଯାଞ୍ଚ ପରେ ୭୭ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରିଥିଲା। ନୂତନ ପ୍ରମାଣ ପତ୍ରକୁ ଆଧାର କରି ସେ ବର୍ଦ୍ଧିତ ଭତ୍ତା ପାଇଁ ବ୍ଲକରେ ଆବେଦନ କରିଛନ୍ତି। ଗୌରୀଙ୍କ ବାପା ପ୍ରସନ୍ନଙ୍କର ୨ ମାସ ତଳେ ମୃତ୍ୟୁ ଘଟିଥିଲା। ବୟସାଧିକ କାରଣରୁ ମା' ମୂଲମଜୁରି କରି ପାରୁ ନାହାନ୍ତି। ବର୍ଦ୍ଧିତ ଭତ୍ତା ପରିବାର ଚଳଣିରେ ସହାୟକ ହେବ ବୋଲି ଗୌରୀ ଆଶା ବାନ୍ଧିଛନ୍ତି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନ କହିଛନ୍ତି, ବ୍ଲକର ୭୧ ଜଣଙ୍କ ବର୍ଦ୍ଧିତ ଭତ୍ତା ପାଇଁ ସରକାରଙ୍କୁ ଟାର୍ଗେଟ ମଗାଯାଇଛି। ମଞ୍ଜୁର ହେଲେ ଭିନ୍ନକ୍ଷମ ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଉପକୃତ ହେବେ ବୋଲି ସେ କହିଛନ୍ତି।

# ଓଡିଆ ସିନେମା ଇଣ୍ଡଷ୍ଟ୍ରି କଟକ, ଭୁବନେଶ୍ୱରରେ ସୀମିତ ନୁହେଁ: ମନୋଜ ମିଶ୍ର

**ବଲାଙ୍ଗୀର,୨୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)**


ଖବରଦାତା ସମ୍ମିଳନୀରେ ଅଭିନେତା ମନୋଜ ମିଶ୍ର।

ଓଡ଼ିଆ ସିନେମା କିଭଳି ଦେଶ ବିଦେଶରେ ନାଁ କରିବ ସେ ଦିଗରେ ଉଦ୍ୟମ କରାଯାଉଥିବାବେଳେ କେତେକ ମୁଷ୍ଟିମେୟ ଲୋକ ଏହାକୁ ବିରୋଧ କରୁଛନ୍ତି। ସେମାନେ ଓଡିଆ ସିନେମା ଇଣ୍ଡଷ୍ଟ୍ରି କହିଲେ କଟକ, ଭୁବନେଶ୍ୱରକୁ ବୁଝୁଛନ୍ତି। ଏଭଳି ମାନସିକତା ପରିହାର କରିବାକୁ ପଡିବ। ଓଡ଼ିଶାରେ ଏଭଳି କିଛି କାହାଣୀ, ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନଙ୍କ ବିଷୟରେ ସିନେମା କରାଗଲେ ସମଗ୍ର ପୃଥିବୀର ଲୋକେ ଆମ ବିଷୟରେ ଜାଣିପାରିବେ। ପ୍ରତ୍ୟେକ ଓଡିଆ ଏହାକୁ ନେଇ ଗର୍ବ କରିପାରିବେ। ଏଭଳି କଥା କହିଲେ କିଛି ଲୋକଙ୍କୁ ଖରାପ ଲାଗୁଛି। ସେମାନେ ଚାହୁଛନ୍ତି ଓଡିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରି ପୁରୁଣାକାଳିଆ ହୋଇ ପଡିରହିଥାଉ। ଓଡିଆ ସିନେମା ପାଇଁ ହଲ ନ ମିଳିଲେ ଦର୍ଶକ କିଭଳି ଓଡିଆ ସିନେମା ଦେଖିବେ। ଆମେ ଚାହୁଁଛୁଁ ଓଡିଆ ସିନେମାକୁ ପ୍ରାଧାନ୍ୟ ଦିଆଯାଉ। ଏହାହେଲେ ଓଡିଆ ସିନେମା ଓ କଳାକାରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ବିଭିନ୍ନ ଭାଷାରେ ସିନେମା ଡବ୍ କି ତିଆରି ହେଲେ ଦେଶ କି ରାଜ୍ୟ ଭାଗ ଭାଗ ହୋଇଯାଏନାହିଁ। ହିନ୍ଦୀ, ଦକ୍ଷିଣ ଭାରତୀୟ ସିନେମା ବିଭିନ୍ନ ଭାଷାରେ ରିଲିଜ୍ ହେଉଛି। ଏହାଦ୍ୱାରା ତ ଦେଶ ଭାଗ ହେଉନାହିଁ। ଓଡିଆ ସିନେମା ସମ୍ବଲପୁରୀ କି ଅନ୍ୟ ଭାଷାରେ ତିଆରି ହେଲେ କାହିଁକି ଭାଗ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଏତିକି କଥା ନବୁଝି କେତେକ ଓଡିଆ ସିନେମାକୁ ଆଗକୁ ବଢ଼ିବାକୁ ଦେଉନାହାନ୍ତି ବୋଲି ଅଭିନେତା ମନୋଜ ମିଶ୍ର ଶନିବାର ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ତାଙ୍କ ଉପରେ ଓଡିଆ ସିନେ ପ୍ରଯୋଜକ ଟୁକୁ ନାୟକ କରିଥିବା ବ୍ୟାନ୍ ଘୋଷଣାକୁ ସେ ଗୁରୁତ୍ୱ ଦେଉନାହାନ୍ତି। ତାଙ୍କୁ ଓଡିଶା ପ୍ରଯୋଜକ ସଂଘ ବ୍ୟାନ କରିନାହାନ୍ତି। ତେଣୁ ଏହାର କିଛି ମାନେ ନାହିଁ। ଏଣୁ ଆଜିଠାରୁ ତାଙ୍କୁ ସେ ବ୍ୟାନ୍ କରି ତାଙ୍କର କୌଣସି ଚଳଚିତ୍ରରେ କାମ କରିବେ ନାହିଁ ବୋଲି ଅଭିନେତା ମନୋଜ ମିଶ୍ର କହିଥିଲେ। ମନୋଜ ମିଶ୍ରଙ୍କୁ ଦୁଇବର୍ଷିଆ ବ୍ୟାନ୍ ଘୋଷଣା ଉପରେ ଶୁକ୍ରବାର ଏକ ସଭାରେ ଅଭିନେତା ମିଶ୍ରଙ୍କ ଉପସ୍ଥିତିରେ ପ୍ରତିକ୍ରିୟା ରଖି ବିଧାୟକ ନରସିଂହ ମିଶ୍ର କଡା ସମାଲୋଚନା କରିଥିଲେ। ପଶ୍ଚିମ ଓଡିଶାର ସିନେ ଅଭିନେତାଙ୍କ ପ୍ରତି ଏଭଳି ମନୋଭାବକୁ ସେ ତୀବ୍ର ନିନ୍ଦା କରିବା ସହ ଏଭଳି ମନୋଭାବ ରଖିଲେ ଓଡିଶା ଦୁଇଭାଗ ହୋଇଯିବାର ଆଶଙ୍କା ରହିଛି ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଅଭିନେତା ମିଶ୍ର ବଲାଙ୍ଗୀରରେ ଆଜି ଖବରଦାତା ସମ୍ମିଳନୀ କରିଥିଲେ। ବିଧାୟକ ମିଶ୍ର ନିଜ ଢ଼ଙ୍ଗରେ ତାଙ୍କୁ ସମର୍ଥନ କରିଛନ୍ତି। ଏଭଳି ମନ୍ତବ୍ୟ ଓଡିଶାକୁ ଭାଗ ଭାଗ କରିବ ନାହିଁ ବରଂ ଓଡିଆ ସିନେମା ଜଗତକୁ ଏକତ୍ର କରିବ ବୋଲି ସେ କହିଥିଲେ।

# ୬ ଦାଦନ ଶ୍ରମିକ ଉଦ୍ଧାର, ମଧ୍ୟସ୍ଥି ଗିରଫ

**ଖପ୍ରାଖୋଲ,୨୮।୧୦(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନ ଦେଶାନ୍ତର ଶ୍ରମିକ ଚାଲାଣ ବେଳେ ଚଢାଉ କରି ୬ ଦାଦନ ଶ୍ରମିକଙ୍କ ସହ ୩ ଶିଶୁଙ୍କୁ ଉଦ୍ଧାର କରଛି। ଚାଲାଣରେ ସମ୍ପୃକ୍ତ ମଧ୍ୟସ୍ଥିଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ମଧ୍ୟସ୍ଥି ଲାଠୋର ଗାଁର ବସନ୍ତ ଗୁର୍ଲା(୨୭)। ଶୁକ୍ରବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ଗାଡ଼ିରେ ଶ୍ରମିକମାନଙ୍କୁ ତେଲଙ୍ଗାନାକୁ ଚାଲାଣ କରାଯାଉଥିବା ଖପ୍ରାଖୋଲ ପୋଲିସକୁ ସୂଚନା ମିଳିଥିଲା। ଉକ୍ତ ଗାଡ଼ିକୁ ବଡଗୁର୍ଜିଭଟା ଗାଁ ପୋଲ ନିକଟରେ ପୋଲିସ ଅଟକାଇ ଥିଲା। ପଚରାଉଚରା ବେଳେ ଚାଉଲବଞ୍ଜି ଗାଁର ତିନିଟି ପରିବାରର ୯ଜଣ (ତିନି ପୁରୁଷ, ତିନି ମହିଳା ଓ ୩ଶିଶୁ)ଙ୍କୁ ପୋଲିସ ଉଦ୍ଧାର କରି ଖପ୍ରାଖୋଲ ଥାନା କୁ ନେବାସହ ନିଜ ନିଜ ଘରକୁ ଫେଇଦେଇଥିବ ପୋଲିସ ସୂଚନା ଦେଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୯୯/୨୩)ରୁଜୁ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

# ୨୪ତମ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଘାଟିତ

**ଅମରପାଲି,୨୮।୧୦(ପୀତାମ୍ବର ସାହୁ)**



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ନିକଟସ୍ଥ ପଣ୍ଡିଆପାଲି ଖେଳପଡିଆଠାରେ ୨୪ ତମ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏହାଛଡା ଶତାଧିକ କୋଚ, ସ୍କୋରର, ଟିମ୍ ମ୍ୟାନେଜର, ବିଚାରକ ଓ ଅଭିଭାବକ ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତା ୩୧ତାରିଖ ଦିନ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଏବଂ ମୁଖ୍ୟବକ୍ତା ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳି ପ୍ରଧାନ, ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଜିଲା ସ୍ପୋର୍ଟସ ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ରାଜ୍ୟ ତୀରନ୍ଦାଜ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ, ଅଧ୍ୟାପିକା ମିନା ମହାରଣା, ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର,ସ୍ୱେଚ୍ଛାସେବୀ ପ୍ରିୟବ୍ରତ ସାହୁ ଯୋଗଦାନ କରିଥିଲେ। ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ଛାତ୍ରୀମାନଙ୍କ ଦ୍ୱାରା ପ୍ରଥମେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ କରାଯାଇଥିଲା। ସୁବର୍ଣ୍ଣପୁର ଜିଲା ତୀରନ୍ଦାଜ ସଂଘର ସଭାପତି ପ୍ରଦୀପ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁବର୍ଣ୍ଣପୁର ଜିଲା ତୀରନ୍ଦାଜ ସଂଘର ସମ୍ପାଦକ ପଙ୍କଜ ଖମାରୀ ବିବରଣୀ ପାଠ କରିଥିଲେ। ରାଜ୍ୟ ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିବସ ତୀରନ୍ଦାଜ କ୍ରୀଡା ପ୍ରତିଯୋଗିତାରେ କନିଷ୍ଠ ବିଭାଗର ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏହାର ଦ୍ୱିତୀୟ ଅଧିବେଶନରେ ଖବରଦାତା ରବୀନ୍ଦ୍ର ହୋତା, କିଶୋର ହୋତା, ପୀତାମ୍ବର ସାହୁ,ଶେଷଦେବ ବାରିକ, ଏବଂ ସୁବର୍ଣ୍ଣପୁର ଜିଲା ତୀରନ୍ଦାଜ ସଂଘର ସମ୍ପାଦକ ପଙ୍କଜ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପାତାଳୀ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଦ୍ୱାରା ଭଜନ ପରିବେଷଣ ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ପ୍ରତିଯୋଗୀମାନଙ୍କ ଦ୍ୱାରା କଳା ପ୍ରଦର୍ଶନ କରଯାଇଥିଲା।


ତୀରନ୍ଦାଜ ପ୍ରତିଯୋଗୀମାନେ।

# ଗେହ୍ଲାମା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

**ବୌଦ୍ଧ,୨୮।୧୦(ଅଜିତ କୁମାର ବାରିକ)**

**ଆଇଆରବି ଚାମ୍ପିୟନ**

ବୌଦ୍ଧ କଚେରି ପଡିଆଠାରେ ଗେହ୍ଲାମା କ୍ଲବ ପକ୍ଷରୁ ଚାଲିଥିବା ଗେହ୍ଲାମା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ସମ୍ବଲପୁର ଓ ଆଇଆରବି ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ବହୁ ଚିତ୍ତାକର୍ଷକ ହୋଇଥିବା ବେଳେ ଖେଳର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଗୋଟିଏ ଗୋଲ ଦେଇ ସମାନ ସ୍ଥିତିରେ ରହିଥିଲେ। ଖେଳ ଶେଷରେ ଟ୍ରାଇବ୍ରେକର ଜରିଆରେ ଆଇଆରବି ଦଳ ୩-୧ ଗୋଲରେ ସମ୍ବଲପୁର ଦଳକୁ ହରାଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା ଓ ସମ୍ବଲପୁର ଦଳ ରନର୍ସ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପରିଜା, ଯୁଗଳ କିଶୋର ସାମଲ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ରେଫରି ଶେଷଦେବ ବେହେରା, ଶଶିକାନ୍ତ ଦାସିଆ, ଅଭିଲାଷ ସାହୁ ଓ ପ୍ରବୀଣ ବେହେରା ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ୭୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଦଳକୁ ୫୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହାସହ ଗେହ୍ଲାମା କ୍ଲବର ପୂର୍ବତନ ଖେଳାଳିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଚିନ୍ମୟ ସାହାଣୀ, ରୁପେଶ ଦେହୁରୀ, ମୁନା ବେହେରା, ସଚିନ ବାଘ, ବିଜୟ ବାରିକ , ଅଭିଲାଷ ବେହେରା, କୁବେର ବେହେରା, ସରୋଜ ମେହେର, ଅଭିନାଶ ବେହେରା, ଅଭିରାଜ ନାଏକଙ୍କ ସମେତ ସମସ୍ତ ସଦସ୍ୟଙ୍କ ସହଯୋଗରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।


ଖେଳାଳି ଓ ଅତିଥି।

# ଭୋଟର ସଚେତନତା ପାଇଁ ପଦଯାତ୍ରା

**ସୋନପୁର,୨୮।୧୦(ମୃତ୍ୟୁଞ୍ଜୟ ଶତପଥୀ)**



ପଦଯାତ୍ରାକୁ ଜିଲାପାଳ ବିମଳେନ୍ଦୁ ରାୟ ଶୁଭାରମ୍ଭ କରୁଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ଲାଗି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଚାଲୁଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ଶନିବାର ଜିଲା ସଦର ମହକୁମା ଝିଙ୍କି ଛକଠାରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରାର ଆୟୋଜନ ହୋଇଥିଲା। ଏହି ପଦଯାତ୍ରାକୁ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସ୍ୱଚ୍ଛ ଭାରତ, ଇନ୍‌ଫିନିଟି କ୍ଲବ, ସୋନପୁର କଲେଜ ଏନସିସି, ବିଜୁ ପଟ୍ଟନାୟକ ମହିଳା କଲେଜ ଓ ସହରର ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏଥିରେ ସାମିଲ ଥିଲେ । ପରେ ବିଜୁ ପଟ୍ଟନାୟକ ଛକଠାରେ ପଥ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏଥିରେ ଜିଲାପାଳ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୦୨୪ ଜାନୁୟାରୀ ପହିଲା ସୁଦ୍ଧା ଯେଉଁମାନଙ୍କ ବୟସ ୧୮ ବର୍ଷ ହୋଇଥିବ ସେମାନଙ୍କ ନାମ ଭୋଟର ତାଲିକାରେ ରହିପାରିବ । ତେଣୁ ଆବେଦନ କରିବା ସହିତ ଜିଲାର ଭୋଟର ହାର ବୃଦ୍ଧି କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସୋନପୁର ଉପ ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଡିଏମ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ ନୂତନ ଭୋଟରମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ସ୍କୁଲ କଲେଜର ଛାତ୍ରୀଛାତ୍ର, ଶିକ୍ଷକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଜନସାଧାରଣ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା, ରଚନା, କୁଇଜ, ଚିତ୍ରାଙ୍କନ, ସଙ୍ଗୀତ, ରଙ୍ଗୋଲି ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ବିଏଲଓମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଭୀମଭୋଇ କଳା ପରିଷଦ ପକ୍ଷରୁ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହେଶାସ ଟାଏକୋଣ୍ଡୋ ଏକାଡେମୀ କଳା କୌଶଳ ଏବଂ ଶାଶ୍ୱତ ତ୍ରିପାଠୀ ଓ ନିରାକାର ଦେହେରିଙ୍କ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭାକୁ ବିଦ୍ୟାପତି ପଣ୍ଡା ପରିଚାଳନା କରିଥିବା ବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶିନୀ କୁମାର ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ମନ୍ଦିରରୁ ଚୋରି ଉଦ୍ୟମ

ରାଉରକେଲା,୨୮।୧୦(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ଅଧୀନ ନୂଆ ବସ୍‌ଷ୍ଟାଣ୍ଡରେ ଥିବା ମା' କାଳୀ ମନ୍ଦିରରୁ ଶନିବାର ସନ୍ଧ୍ୟାରେ ଚୋରି ଉଦ୍ୟମ ବେଳେ ସ୍ଥାନୀୟ ଲୋକେ ଜଣଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ଉକ୍ତ ଦୁର୍ବୃତ୍ତଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛି। ପ୍ରାୟ ୩ ମାସ ତଳେ ସେହି ମନ୍ଦିରରୁ ମା'ଙ୍କ ହାର ଚୋରି ହୋଇଥିଲା।

### ଜଗନ୍ନାଥ ସୁନ୍ଦରଗଡ଼ ପୌରାଞ୍ଚଳର ନୂତନ ପ୍ରତିନିଧି

ସୁନ୍ଦରଗଡ,୨୯।୧୦(ଜୟ ନାରାୟଣ



ମେଣ୍ଡୁଲି): ଜଗନ୍ନାଥ ଜେନା ବିଧାୟିକା କୁସୁମ ଟେଟେଙ୍କ ସୁନ୍ଦରଗଡ ପୌରାଞ୍ଚଳର ପ୍ରତିନିଧି ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କର ଏହି ନିଯୁକ୍ତି ପାଇଁ ସେ ବିଧାୟିକା ଟେଟେଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବନ୍ଧମୁଣ୍ଡା/ରାଉରକେଲା,୨୮।୧୦ (ସୁବ୍ରତ ଦେ/ସଙ୍ଗୀତା ଜେନା): ବନ୍ଧମୁଣ୍ଡା ଜିଆରପି ଅନ୍ତର୍ଗତ ପିଆଣ୍ଡକ୍ୟୁ କ୍ୟାବିନ୍ ମଧ୍ୟରେ ଥିବା ଡାଉନ୍ ଲାଇନ୍ ରେଳଧାରଣା ପାର୍ଶ୍ୱରୁ ଜଣେ ଯୁବକଙ୍କ ମୃତଦେହକୁ ଶନିବାର ସକାଳେ ଜବତ କରାଯାଇଛି। ମୃତକଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳିନାହିଁ। ସେ ଧାନବାଦରୁ ତିରୁବନନ୍ତପୁରମକୁ ଯାଉଥିବା ଯାତ୍ରୀବାହୀ ଟ୍ରେନରୁ ଖସିପଡ଼ି ମୃତ୍ୟୁବରଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୩) ରୁଜୁ କରି ରେଲୱେ ହସ୍ପିଟାଲ ମର୍ଗରେ ମୃତଦେହକୁ ରଖିଛି।

### ୬ ଦାଦନ ଶ୍ରମିକ ଉଦ୍ଧାର, ମଧ୍ୟସ୍ଥି ଗିରଫ

ଖପ୍ରାଖୋଲ,୨୮।୧୦(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନ ଦେଶାନ୍ତର ଶ୍ରମିକ ଚାଲାଣ ବେଳେ ଚଢାଉ କରି ୬ ଦାଦନ ଶ୍ରମିକଙ୍କ ସହ ୩ ଶିଶୁଙ୍କୁ ଉଦ୍ଧାର କରିଛି। ଚାଲାଣରେ ସମ୍ପୃକ୍ତ ମଧ୍ୟସ୍ଥିଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ମଧ୍ୟସ୍ଥି ଲାଠୋର ଗାଁର ବସନ୍ତ ଗୁର୍ଲା(୨୭)। ଶୁକ୍ରବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ଗାଡ଼ିରେ ଶ୍ରମିକମାନଙ୍କୁ ତେଲଙ୍ଗାନାକୁ ଚାଲାଣ କରାଯାଉଥିବା ଖପ୍ରାଖୋଲ ପୋଲିସକୁ ସୂଚନା ମିଳିଥିଲା। ଉକ୍ତ ଗାଡ଼ିକୁ ବଡଗୁର୍ଜିଭଟା ଗାଁ ପୋଲ ନିକଟରେ ପୋଲିସ ଅଟକାଇ ଥିଲା। ପଚରାଉଚରା ବେଳେ ଚାଉଲବଞ୍ଜି ଗାଁର ତିନିଟି ପରିବାରର ୯ଜଣ (ତିନି ପୁରୁଷ, ତିନି ମହିଳା ଓ ୩ଶିଶୁ)ଙ୍କୁ ପୋଲିସ ଉଦ୍ଧାର କରି ଖପ୍ରାଖୋଲ ଥାନା କୁ ନେବାସହ ନିଜ ନିଜ ଘରକୁ ଫେଇଦେଇଥିବ ପୋଲିସ ସୂଚନା ଦେଇଛି।

# ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୨୮।୧୦:(ଜୟ ନାରାୟଣ ମେଣ୍ଡୁଲି)

ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଦ୍ୱାରା ଶନିବାର ସୁନ୍ଦରଗଡ଼ଠାରେ ୱାକାଥନ୍ ଓ ପଥ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଆର୍‌ଆର୍‌ଆଇଟି କଲୋନୀ ଶିବ ମନ୍ଦିରଠାରୁ ସରକାରୀ ମହିଳା କଲେଜ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ତଥା ଅଧିକାରୀଙ୍କ ଦ୍ୱାରା ଭୋଟର ସଚେତନତା ନିମନ୍ତେ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା। ପରେ ପରେ ଡିଆରଡିଏ ଛକ ଠାରୁ ସଦର ତହସିଲ ଅଫିସ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝି କହିଥିଲେ, ଭୋଟ ଦାନ ପ୍ରକ୍ରିୟା ହେଉଛି ଏକ ମହାନ ଗଣତାନ୍ତ୍ରିକ ପର୍ବ। ଏହି ଗଣତାନ୍ତ୍ରିକ ପର୍ବରେ ସମସ୍ତଙ୍କ ଯୋଗଦାନ ଆମ ଗଣତନ୍ତ୍ରକୁ ସୁଦୃଢ କରିଥାଏ। ତେଣୁ ପ୍ରତ୍ୟେକ ସଚେତନ ନାଗରିକ ଏହି ପ୍ରକ୍ରିୟାରେ ନିଜର ସକ୍ରିୟ ଅଂଶଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେହିପରି ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ ଏହି ଅବସରରେ କହିଥିଲେ, ଭୋଟ ଦାନ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ଏବଂ ମତ ଦାନ ପ୍ରକ୍ରିୟାରେ



ଛାତ୍ରମାନେ ପିରାମିଡ୍ କରି ସଚେତନତା ସୃଷ୍ଟି କରୁଛନ୍ତି।

ସାମିଲ ହୋଇ ପ୍ରତ୍ୟେକ ନାଗରିକ ନିଜର ଅଧିକାର ସାବ୍ୟସ୍ତ କରିବା ଆବଶ୍ୟକ ଏବଂ ଏଥି ନିମନ୍ତେ ପ୍ରତ୍ୟେକ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଗୁରୁଦାୟିତ୍ୱ ଆମ ସମସ୍ତଙ୍କର ବୋଲି କହିଥିଲେ। ଯେପରି କୌଣସି ଯୋଗ୍ୟ ଭୋଟର ଏହି ପ୍ରକ୍ରିୟାରୁ ବାଦ୍ ନ ପଡ଼ନ୍ତି ତାହା ପ୍ରତି ସମସ୍ତେ ନିଜ ନିଜ ସ୍ତରରେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ସେହିପରି ସଦର ଉପଜିଲାପାଳ ଦାଶରଥି ସରାବୁ ଏବଂ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ଭୋଟର ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଡ. ପରାଗ ଗଭାଲି ହର୍ଷଦ ଏବଂ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମ ବୁଲି ଦେଖିବା ସହିତ ସମସ୍ତ ଷ୍ଟଲ୍ ବୁଲି ଦେଖିଥିଲେ। ଏହି ପଥ ଉତ୍ସବ ଆୟୋଜନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଝୋଟି, ରଙ୍ଗୋଲି, ପେଣ୍ଟିଂ,ସ୍ଲୋଗାନ ରାଇଟିଂ, ଡ୍ରାମା, ଭୋଟ ଦାନ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା, ସେଲଫି, ଭୋଟର ସଚେତନତା ରିଲ୍ସ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଜନସଚେତନତା ନିମନ୍ତେ ବାଲୁକା ଶିଳ୍ପୀଙ୍କ ଦ୍ୱାରା ବାଲୁକା କଳା କରାଯାଇଥିଲା। ସେହିପରି ଆସେମ୍ବଲି ଅଫ ଗଡ ସ୍କୁଲ




ଛାତ୍ରୀମାନେ ଭୋଟର ସଚେତନତା ପାଇଁ ନାଟକ ପରିବେଷଣ କରୁଛନ୍ତି।

ଦ୍ୱାରା ଭୋଟ ଗ୍ରହଣ ପ୍ରକ୍ରିୟା ଦର୍ଶାଇବା ନିମନ୍ତେ ମଡେଲ ବୁଥ କରାଯାଇଥିଲା। ଏହା ସହିତ ଭୋଟର ସଚେତନତା ନିମନ୍ତେ ବିଭିନ୍ନ ଷ୍ଟଲ ମାନ କରାଯାଇ ଜନ ସାଧାରଣଙ୍କୁ ଭୋଟ ଦାନ ପ୍ରକ୍ରିୟା ସମ୍ପର୍କରେ ସଚତନତା ସୃଷ୍ଟି କରାଯାଇଥିଲା। ସରକାରୀ ମହିଳା କଲେଜ ଛାତ୍ରୀଙ୍କ ଦ୍ୱାରା ଭୋଟର ସଚେତନତା ପାଇଁ ନାଟିକା ପରିବେଷିତ ହେବାସହ ସରକାରୀ ମହାବିଦ୍ୟାଳୟ ଛାତ୍ରଙ୍କ ଦ୍ୱାରା ପିରାମିଡ୍ ଆଦି କରାଯାଇଥିଲା। କଳାକାର ମନୋଜ ସାହୁଙ୍କ ଦ୍ୱାରା ମ୍ୟାଜିକ ଶୋ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ତଥା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଦର ତହସିଲଦାର କୁଳମଣି ରନବିଡା, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସରକାରୀ ମହିଳା କଲେଜ ଅଧ୍ୟକ୍ଷା ଡ.କୁମୁଦିନୀ ରାଉତରାୟ ଓ ସରକାରୀ କଲେଜ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ, କଳାୟତନ ଅଧ୍ୟକ୍ଷ ଶୀତଳ ମହାପାତ୍ର, ସମସ୍ତ ବିଭାଗୀୟ ଅଧିକାରୀ, ଜିଲା କାର୍ଯ୍ୟାଳୟର ଅଧିକାରୀ ତଥା ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅତିଥି ଅଧ୍ୟାପିକା ସୁସ୍ମିତା ଭୋଇ, କବିତା ସାହୁ ଏବଂ ଛାତ୍ର କେଦାର ମିଞ୍ଜ ପରିଚାଳନା କରିଥିଲେ।

### ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଭିନ୍ନକ୍ଷମ ଯୁବତୀ

ଲୋଇସିଂହା,୨୭।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତ ଅନ୍ତର୍ଗତ ଛତାବାହାଲ ଗ୍ରାମର ଭିନ୍ନକ୍ଷମ ଯୁବତୀ ଗୌରୀ ପଧାନ(୨୫)। ୭୭ ପ୍ରତିଶତ ଭିନ୍ନକ୍ଷମ ଚିହ୍ନଟ ପରେ ବି ତାଙ୍କୁ ମିଳିନି ବର୍ଦ୍ଧିତ ଭତ୍ତା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଗୌରୀ ଆବେଦନ କରିବା ୩ମାସ ବିତି ଯାଇଥିଲେ ସୁଦ୍ଧା ବର୍ଦ୍ଧିତ ଭତ୍ତା ମଞ୍ଜୁର ହୋଇନାହିଁ। ୬୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ୭ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଉଥିବା ବେଳେ ତାଙ୍କୁ ଏଥିରେ ସାମିଲ କରାଯାଇ ନ ଥିବା ଗୌରୀ କହିଛନ୍ତି। ଛତାବାହାଲ ଗ୍ରାମର ଚିନିପାଣି ପଧାନ ଓ ପ୍ରସନ୍ନ ପଧାନଙ୍କ ଝିଅ ଗୌରୀ ଜନ୍ମରୁ ଶ୍ରବଣ ବାଧିତ। ଭିନ୍ନକ୍ଷମଙ୍କ ପାଇଁ ଭତ୍ତା ବ୍ୟବସ୍ଥା ଥିଲେ ସୁଦ୍ଧା ପ୍ରଶାସନିକ ଅବହେଳାରୁ ସେ ଦୀର୍ଘ ଵର୍ଷ ଧରି ଏଥିରୁ ବଞ୍ଚିତ ରହିଥିଲେ। ୩ ବର୍ଷ ତଳେ ୫ ଶହ ଟଙ୍କା ଭତ୍ତା ପାଉଛନ୍ତି। ଗତ ଅଗଷ୍ଟ ମାସରେ ବ୍ଲକରେ ଆୟୋଜିତ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମେଡିକାଲ ବୋର୍ଡ କମିଟି ଯାଞ୍ଚ ପରେ ୭୭ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରିଥିଲା। ନୂତନ ପ୍ରମାଣ ପତ୍ରକୁ ଆଧାର କରି ସେ ବର୍ଦ୍ଧିତ ଭତ୍ତା ପାଇଁ ବ୍ଲକରେ ଆବେଦନ କରିଛନ୍ତି। ଗୌରୀଙ୍କ ବାପା ପ୍ରସନ୍ନଙ୍କର ୨ ମାସ ତଳେ ମୃତ୍ୟୁ ଘଟିଥିଲା। ବୟସାଧିକ କାରଣରୁ ମା' ମୂଲମଜୁରି କରି ପାରୁ ନାହାନ୍ତି।

# ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥିଙ୍କ ଗ୍ରହଣରେ ଖେଳାଳି।

ଦେବଗଡ଼,୨୮।୧୦(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ବଳମ ପଞ୍ଚାୟତ ସଦର ମହକୁମା ଆଦର୍ଶ ଖେଳ ପଡିଆଠାରେ ଜାଗୃତି କ୍ଲବ ଆନୁକୂଲ୍ୟରେ ଗତ ୨୧ରୁ ଆରମ୍ଭ ହୋଇଥିବା ରାଜ୍ୟ ସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସମ୍ବଲପୁର ଜିଲା କୁଚିଣ୍ଡାର ମହାକାଳ ଫୁଟ୍‌ବଲ ଦଳକୁ ଟାଇବ୍ରେକର ଜରିଆରେ ୫-୪ ଗୋଲରେ ପରାସ୍ତ କରି ଜାଗୃତି କ୍ଲବ ଚାମ୍ପିୟନ ହୋଇଥିଲା। ମ୍ୟାଚ ଗୁଡିକୁ ରେଫରୀ ଭାବେ ପରେଶ କୁମାର ପ୍ରଧାନ, ଦେବାନନ୍ଦ ମୀର୍ଦ୍ଧା, ପରେଶ

**ଜାଗୃତି କ୍ଲବ ଚାମ୍ପିୟନ**

ଭୋଇ, ଆନନ୍ଦ ମିର୍ଦ୍ଧା ଓ କୃଷ୍ଣଚନ୍ଦ୍ର ନାୟକ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଫକୀର ମୋହନ ଦଳବେହେରା, ମହେନ୍ଦ୍ର କୁମାର ବେହେରା ଓ କ୍ରୀଷ୍ଣା ନାୟକ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ସଭାପତି ପ୍ରଦୀପ କୁମାର ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ବଳମ ସରପଞ୍ଚ ଅମୃତୀ ନାଏକ, ସମିତି ସଦସ୍ୟା ମାମୀ ବେହେରା ଓ ପୂର୍ବତନ ସମିତି ସଦସ୍ୟ ପାଣ୍ଡବ ଚରଣ ବେହେରା ଯୋଗଦେଇ ବିଜେତା ଜାଗୃତି କ୍ଲବକୁ ଟ୍ରଫିସହ ନଗଦ ୨୦ ହଜାର ଟଙ୍କା ଓ ରନର୍ସ ଅପ୍ ମହାକାଳ ଫୁଟ୍‌ବଲ ଦଳକୁ ଟ୍ରଫି ସହ ନଗଦ ୧୬ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଜାଗୃତି କ୍ଲବ ସମ୍ପାଦକ ମହେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ଶତପଥି, କ୍ଷେତ୍ରବାସୀ ପ୍ରଧାନ, ରଞ୍ଜିତ ପ୍ରଧାନ ଓ ପ୍ରଦୀପ ଜୟସ୍ୱାଲଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ସଞ୍ଜୀବ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୪ତମ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଘାଟିତ

ଅମରପାଲି,୨୮।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ନିକଟସ୍ଥ ପଣ୍ଡିଆପାଲି ଖେଳପଡିଆଠାରେ ୨୪ ତମ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହାଛଡା ଶତାଧିକ କୋଚ, ସ୍କୋରର, ଟିମ୍ ମ୍ୟାନେଜର, ବିଚାରକ ଓ ଅଭିଭାବକ ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତା ୩୧ତାରିଖ ଦିନ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଏବଂ ମୁଖ୍ୟବକ୍ତା ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳି ପ୍ରଧାନ, ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଜିଲା ସ୍ପୋର୍ଟସ ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ରାଜ୍ୟ ତୀରନ୍ଦାଜ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ, ଅଧ୍ୟାପିକା ମିନା ମହାରଣା, ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର,ସ୍ୱେଚ୍ଛାସେବୀ ପ୍ରିୟବ୍ରତ ସାହୁ ଯୋଗଦାନ କରିଥିଲେ। ଉତ୍ତୋଳନ କରଯାଇଥିଲା।

# ମୌର୍ଯ୍ୟ ଏକ୍ସପ୍ରେସ ରାଉରକେଲାକୁ ସମ୍ପ୍ରସାରଣ ଦାବିରେ ସ୍ମାରକପତ୍ର ପ୍ରଦାନ




ଷ୍ଟେଶନ ମାଷ୍ଟରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୨୮।୧୦(ସଙ୍ଗୀତା ଜେନା)

୧୫୦୨୭/୨୮ ଗୋରଖପୁର – ହାଟିଆ ମୌର୍ଯ୍ୟ ଏକ୍ସପ୍ରେସକୁ ଟାଟାରୁ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଏବଂ ୧୮୧୮୧/୮୨ ଥାବେ– ଟାଟା ଏକ୍ସପ୍ରେସକୁ ରାଉରକେଲାକୁ ସମ୍ପ୍ରସାରଣ କରିବା ଦାବି ଜୋର ଧରିଛି। ଏହି ମର୍ମରେ ରାଉରକେଲାରେ ରହୁଥିବା ଉତ୍ତର ଭାରତର ୧୦ ଅନୁଷ୍ଠାନ ପକ୍ଷରୁ ଶନିବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ରାଉରକେଲା ଷ୍ଟେଶନ ମାଷ୍ଟରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏ ନେଇ ଜିଲାର ୭ ନିର୍ବାଚନମଣ୍ଡଳୀର ବିଧାୟକ ଓ ସାଂସଦଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ରେଳ ମନ୍ତ୍ରୀଙ୍କୁ ଦାବି ସମ୍ପର୍କରେ ଅବଗତ କରାଇବାକୁ ଶେଷ ପ୍ରୟାସ କରାଯାଉଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ରାଷ୍ଟ୍ରୀୟ ଜନଜାଗରଣ ସେବା ସଂଘ ସମ୍ପାଦକ ଅରୁଣ ସିଂହ, ଉଦ୍ଧବର ସାଧାରଣ ସମ୍ପାଦକ ବେଦପ୍ରକାଶ ତିୱାରୀ, କୃଷ୍ଣା ସିଂ, ସୁଧୀଶ ମିଶ୍ର, ଅଜିତ ସିଂହ ଯାଦବ, ହରିଶଙ୍କର ଶାହା, ସୁମେର ସିଂହ, ଉପେନ୍ଦ୍ର ସିଂ, ଭୋଜପୁରୀ ନବଯୁବକ ସଂଘର ଚନ୍ଦନ ଯାଦବ, ସମ୍ମାନ ଟ୍ରଷ୍ଟର ଶିବଶଙ୍କର ଶର୍ମା, ଉତ୍ତରଭାରତୀୟ ମହାସଂଘର ସିଦ୍ଧାର୍ଥ ଲୋହାନୀ, ସଚ୍ଚିଦାନନ୍ଦ ଶର୍ମାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଗେହ୍ଲାମା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ବୌଦ୍ଧ,୨୮।୧୦(ଅଜିତ କୁମାର ବାରିକ)

ବୌଦ୍ଧ କଚେରି ପଡିଆଠାରେ ଗେହ୍ଲାମା କ୍ଲବ ପକ୍ଷରୁ ଚାଲିଥିବା ଗେହ୍ଲାମା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ସମ୍ବଲପୁର ଓ ଆଇଆରବି ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ବହୁ ଚିତ୍ତାକର୍ଷକ ହୋଇଥିବା ବେଳେ ଖେଳର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଗୋଟିଏ ଗୋଲ ଦେଇ ସମାନ ସ୍ଥିତିରେ ରହିଥିଲେ। ଖେଳ ଶେଷରେ ଟ୍ରାଇବ୍ରେକର ଜରିଆରେ ଆଇଆରବି ଦଳ ୩–୧ ଗୋଲରେ ସମ୍ବଲପୁର ଦଳକୁ ହରାଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲାୟ।

# କୃଷକ ସଂଘର୍ଷ ସଂଘ ବୈଠକ, ପଞ୍ଚାୟତ ସ୍ତରୀୟ କମିଟି ଗଠନ

ଦେବଗଡ,୨୮।୧୦(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ଖିଲେଇ ପଞ୍ଚାୟତ ସଦର ମହକୁମାରେ ଶନିବାର ଦେବଗଡ ଜିଲା କୃଷକ ସଂଘର୍ଷ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ନେତା ଗିରିଧାରୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ୍ ହେମ୍ବ୍ରମ ଓ ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଗୁଣନିଧି ବେହେରା, ସୁରେଶ ଚନ୍ଦ୍ର ଦେହୁରୀ, ସୁରେଶ ଚନ୍ଦ୍ର ସାହୁ, ଲମ୍ବୋଧର ମାଝି ଓ ଗୁରୁଚରଣ ବେହେରା ପ୍ରମୁଖ ଯୋଗଦେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ସହ ସେମାନଙ୍କ ବିଭିନ୍ନ ସମସ୍ୟା ଓ ଏଗୁଡିକର ସମାଧାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କୃଷକ ସଂଘର୍ଷ ସଂଘର ଏକ ପଞ୍ଚାୟତ ସ୍ତରୀୟ କମିଟି ଗଠନ କରାଯିବା ସହ ଏହାର ସଭାପତି ଭାବେ ଗିରିଧାରୀ ପ୍ରଧାନ ଓ ସମ୍ପାଦକ ଭାବେ ଝସକେତନ ଧଳଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଏହି ବୈଠକରେ ସମ୍ପୃକ୍ତ ଅଞ୍ଚଳର ବହୁ ମହିଳା ଓ ପୁରୁଷ ଚାଷୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କୃଷକ ନେତା ଓ ଅନ୍ୟମାନେ।

# ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୪

ଦେବଗଡ଼, ୨୮।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୪ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସବୁଜ ପତାକା ଦେଖାଇ ଏକ ସ୍ୱତନ୍ତ୍ର ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଉକ୍ତ ପଦଯାତ୍ରା ହାତୀଶାଳ ଛକରୁ ଆରମ୍ଭ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା । ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ବରଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ଉପ ଜିଲାପାଳ ପରକ୍ଷିତ ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା, ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସେ ଯୋଗଦେଇ କିପରି ମତଦାତା ମାନେ ସୁବିଧାର ସହିତ ମତଦାନ କରିପାରିବେ, ଦିବ୍ୟାଙ୍ଗ ମାନେ କିପରି ମତଦାନରୁ ବଞ୍ଚିତ ନ ହେବେ, ନୂତନ ଭୋଟର ମାନେ କିପରି ତାଙ୍କର




ନାମ ପଞ୍ଜିକରଣ କରିପାରିବେ, କୌଣସି ପ୍ରକାର ତ୍ରୁଟି ଥିଲେ କିପରି ସଂଶୋଧନ କରିପାରିବେ ସେ ବିଷୟରେ ସଂକ୍ଷିପ୍ତରେ ଜନସାଧାରଣ ଅବଗତ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ସଚେତନତା ପାଇଁ ବିଭିନ୍ନ ସାଂସ୍କୃତିକ ଦଳ ଗୁଡ଼ିକ ଦ୍ୱାରା ନୃତ୍ୟ ପରିବେଷଣ ଓ କବିତା ପାଠ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ସମସ୍ତ ସରକାରୀ କାର୍ଯ୍ୟାଳୟର କର୍ମଚାରୀ, ପୋଲିସ ବିଭାଗର କର୍ମଚାରୀ, ଅଗ୍ନିଶମ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଜିଲାର ସବୁ ବ୍ଲକରୁ ଆସିଥିବା କଳାକାର, ଡ୍ରାଇଭର ମହାସଂଘର ଡ୍ରାଇଭର ଗଣ, ବିଭିନ୍ନ କଲେଜର ଛାତ୍ରୀଛାତ୍ର ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

